# ବ୍ୟକ୍ତିଗତ ଜାଗାକୁ ମଡ଼ାଇ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ

- ବ୍ଲକ ପ୍ରଶାସନ ଆଇନକୁ ବେଖାତିର
- ଏବେ ହେଉଛି ପାଚେରି କାମ



ବ୍ୟକ୍ତିଗତ ଜାଗା ଉପରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହୋଇଥିବା ନେଇ କୋର୍ଟରେ ବିଚାର ଚାଲିଥିବାବେଳେ ଏବେ ପୁଣି ପାଚେରି ତିଆରି ଚାଲିଛି।

ପଟ୍ଟାମୁଣ୍ଡାଇ, ୨୦।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଶ୍ରୀରାମପୁର ପଞ୍ଚାୟତ ମଠସାହି ଗ୍ରାମର ବିଷ୍ଣୁ ମଲ୍ଲିକଙ୍କ ବ୍ୟକ୍ତିଗତ ଜାଗାକୁ ମଡ଼ାଇ ଅଙ୍ଗନୱାଡ଼ି ଗୃହ ନିର୍ମାଣକୁ ନେଇ ସେ ଚିନ୍ତାରେ ଥିଲେ। ଏବେ ପୁଣି ନିଜ ଜାଗାରେ ଅଙ୍ଗନୱାଡ଼ି ପାଚେରି ନିର୍ମାଣକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୧୯ରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ବେଳେ ସେ ପଟ୍ଟାମୁଣ୍ଡାଇ ବିଡିଓ, ତହସିଲଦାର, କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ବାଧ ହୋଇ ସେ ପଟ୍ଟାମୁଣ୍ଡାଇ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମାତ୍ର କୋର୍ଟରେ ମାମଲାଟି ବିଚାରାଧୀନ ଥିବା ବେଳେ ବ୍ଲକ ପ୍ରଶାସନ ଖାତିର ନ କରି ଉକ୍ତ ସ୍ଥାନରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ। ଏ ନେଇ ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ବିଷୟରେ ତନଖି ପାଇଁ ଜିଲାପାଳ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବ୍ଲକ ପ୍ରଶାସନ ଉକ୍ତ ନିର୍ଦ୍ଦେଶକୁ ଅବମାନନା କରି ସେହି ସ୍ଥାନରେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ଶେଷ କରି ଏବେ ପୁଣି ଉକ୍ତ ଜାଗାରେ ପାଚେରି କରୁଛନ୍ତି। ଯାହାକୁ ନେଇ ବିଷ୍ଣୁ ଅସନ୍ତୋଷ ବ୍ୟକ୍ତ କରିବା ସହ ପୁଣି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି।

ବିଷ୍ଣୁ ମଲ୍ଲିକଙ୍କ ଅଭିଯୋଗ ଅନୁଯାୟୀ, ପଟ୍ଟାମୁଣ୍ଡାଇ ତହସିଲ, ଗ୍ରାମାଞ୍ଚଳ ଥାନା ଅଧୀନ ଶ୍ରୀରାମପୁର ପଞ୍ଚାୟତର ମଠସାହି ଗ୍ରାମର ଖାତା ନଂ. ୫୮୦ରେ ଘରବାଡ଼ି ରହିଥିବାବେଳେ ଏହାର ପାର୍ଶ୍ୱରେ ଗୋଦଣ୍ଡା କିସମରେ ପ୍ରଶାସନ ରାସ୍ତା ଦେଇଥିଲା। ତାହାର ପ୍ଲଟ ନଂ. ୨୬୦୯ ଏବଂ ଖାତା ନଂ. ୯୩୬ ଥିବାବେଳେ ୨୦୧୯ ମସିହାରେ ସେହି ଗୋଦଣ୍ଡା କିସମ ଉପରେ ଗ୍ରାମର କେତେଜଣ ଲୋକଙ୍କ କଥାରେ ପଡ଼ି ବ୍ଲକ ପ୍ରଶାସନ ଯନ୍ତ୍ରୀ ବେଆଇନ ଭାବେ ଅଙ୍ଗନୱାଡ଼ି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିସହ ପ୍ଲଟ ନଂ. ୨୫୫୮ର ବ୍ୟକ୍ତିଗତ ଜାଗାକୁ ମଡାଇ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ଆରମ୍ଭ କଲେ। ଏ ନେଇ ଜାଗା ମାଲିକ ବିଷ୍ଣୁ କେନ୍ଦ୍ରାପଡ଼ା ଜିଲାପାଳ, ପଟ୍ଟାମୁଣ୍ଡାଇ ବିଡିଓ, ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବିଷ୍ଣୁ ଅବରୋଧ କେସ ନଂ. ୩୫୧/୧୯ ରେ ଏକ ମାମଲା ରୁଜୁ କରିଥିଲେ। ହେଲେ ଏଥିରେ କୌଣସି ପ୍ରଭାବ ନ ପଡ଼ିବାରୁ ସେ ବାଧ ହୋଇ ୩।୨।୨୦୨୦ରେ ରାଜ୍ୟ ସରକାର, କେନ୍ଦ୍ରାପଡ଼ା ଜିଲାପାଳ, ପଟ୍ଟାମୁଣ୍ଡାଇ ତହସିଲଦାର, ବିଡିଓଙ୍କ ନାମରେ ପଟ୍ଟାମୁଣ୍ଡାଇ କୋର୍ଟରେ କେସ ନଂ. ୬୩/୨୦୨୦ ରୁଜୁ କରିଥିଲେ। ଉକ୍ତ ମାମଲା ବିଚାରାଧୀନ ଥିବାବେଳେ ସେ କଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଡବ୍ଲୁପିସି ନଂ. ୧୩୦୮୪/୨୦୨୩ ରୁଜୁ କରିଥିଲେ। ହାଇକୋର୍ଟ ଉକ୍ତ ଜାଗାର ଭିତ୍ତିଭୂମିର ତଦନ୍ତ ପାଇଁ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ସମସ୍ତ ମାମଲା ଭିତରେ ବ୍ୟକ୍ତିଗତ ଜାଗାକୁ ମାଡ଼ି ବସି ବ୍ଲକ ପ୍ରଶାସନ ଗୃହ ନିର୍ମାଣ ସାରି ଏବେ ପୁଣି ପାଚେରି ନିର୍ମାଣ ଚଳାଇଛି ବୋଲି ସେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବ୍ଲକ ଯନ୍ତ୍ରୀ ଓ ସ୍ଥାନୀୟ ଠିକାଦାର ଆଇନକାନୁନକୁ ଦଳିମକଚି ତରବରିଆ ଭାବେ ଏହି କାର୍ଯ୍ୟ ସାରି ବିଲ୍ କରିନେଇଥିବା ବେଳେ ବିଡିଓ ଏହା ଉପରେ ଦୃଷ୍ଟି ନ ଦେବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ହାଇକୋର୍ଟରେ ମାମଲା ବିଚାରାଧୀନ ଅଛି। ଯଦି ଅଙ୍ଗନୱାଡ଼ି କେନ୍ଦ୍ର ଉକ୍ତ ଜାଗାରୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଆସେ ତେବେ କ'ଣ କରାଯିବ ବୋଲି ବିଡିଓ ଶୁଭ୍ରାଂଶୁ ସାହୁଙ୍କୁ ପଚାରିବାରେ ଏହି କାର୍ଯ୍ୟ ୨୦୧୯ରେ ହୋଇଛି। ଏହା ଉପରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଓମ୍‌ସା ନିର୍ବାଚନ: ଡା. କିଶୋର ଚନ୍ଦ୍ର ମିଶ୍ର ସଭାପତି

କେନ୍ଦ୍ରାପଡ଼ା, ୨୦।୧୦ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଶିଶୁରୋଗ ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ମିଶ୍ର ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ (ଓମ୍‌ସା)ର ରାଜ୍ୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏ ନେଇ ଶନିବାର ହୋଇଥିବା ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କଠାରୁ ୮୬ ଖଣ୍ଡ ଭୋଟରେ ଆଗୁଆ ଅଛନ୍ତି। ନିର୍ବାଚନରେ ମୋଟ ୩୩୮୬ ଭୋଟରଙ୍କ ମଧ୍ୟରୁ ୨୨୮୦ ସଦସ୍ୟ ଭୋଟ ଗ୍ରହଣରେ ଭାଗ ନେଇଥିଲେ। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଡା. ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ୧୦୧୧ ଖଣ୍ଡ ଭୋଟ ମିଳିଥିବା ବେଳେ ଡା. ମିଶ୍ରଙ୍କୁ ରାଜ୍ୟ ସଭାପତି ପଦ ପାଇଁ ୧୦୯୭ ଖଣ୍ଡ ଭୋଟ ମିଳିଥିଲା। ସେହିପରି ଏହି ନିର୍ବାଚନରେ ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମ୍‌ଓ ଡା. ନୃପେନ୍ଦ୍ର ଶତପଥୀ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଓ ଭେଷଜ ବିଶେଷଜ୍ଞ ଡା. ସଞ୍ଜିତ ସେଠୀ ପୂର୍ବ ଜୋନ୍‌ର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

## ଓଏଏସ୍ ପରୀକ୍ଷାରେ ସାରସ୍ୱତ କୃତକାର୍ଯ୍ୟ

ରାଜକନିକା,୨୦।୧୦(ସଞ୍ଜୟ କୁମାର ଦାଶ)



ରାଜକନିକା ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତର ବଳରାମପୁର ଗାଁ ଶିକ୍ଷକ ହରେକୃଷ୍ଣ ସାହୁଙ୍କ ପୁଅ ସାରସ୍ୱତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୮୨ ର୍ୟାଙ୍କରେ ରହି ଓଳାଭର ଅଞ୍ଚଳରେ ସୁନାମ ଆଣିଛନ୍ତି। ପ୍ରକାଶିତ ଓପିଏସ୍‌ସି ପରୀକ୍ଷାରେ ସାରସ୍ୱତ ସଫଳତାର ସହିତ କୃତକାର୍ଯ୍ୟ ହୋଇଛନ୍ତି। ସେ ଦୁଇ ଥର ଓଏଏସ୍ ପରୀକ୍ଷାରେ ଅସଫଳ ହୋଇଥିଲେ ବି ଦୃଢ଼ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ଲାଗି ସେ ସଫଳତା ପାଇଥିବା କହିଛନ୍ତି। ପ୍ରତିଦିନ ସେ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲେ। ସାରସ୍ୱତଙ୍କ ପିତା ଶିକ୍ଷକ ହରେକୃଷ୍ଣ ସପଲାଙ୍ଗ ସ୍କୁଲରେ ଶିକ୍ଷକତା କରୁଥିବା ବେଳେ ତାଙ୍କ ମା' ଶିକ୍ଷଣିକା ମଧ୍ୟ ଦେଓଗାଁ ସ୍କୁଲରେ ଶିକ୍ଷୟିତ୍ରୀ ରହିଛନ୍ତି। ତାଙ୍କର ଏହି ସଫଳତା ଲାଗି ମାତାପିତା, ଜେଜେ ରାମଚନ୍ଦ୍ର, ଜେଜେମା' ସକୁନ୍ତଳା, ଅଜା ପୁଷ୍ପକାନ୍ତ, ଆଈ କଲ୍ୟାଣୀ, କଲେଜ ସାଙ୍ଗମାନଙ୍କୁ ସେ ଶ୍ରେୟ ଦେଇଛନ୍ତି। ଆଗାମୀଦିନରେ ପ୍ରଶାସନିକ ସେବାରେ ସେ ତଳସ୍ତରର ଲୋକମାନଙ୍କ ପାଇଁ କାମ କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ତାଙ୍କର ଏଭଳି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଯୁବକଙ୍କ ଆତ୍ମହତ୍ୟା

ଡେରାବିଶ, ୨୦।୧୦(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବାରିମୂଳ ପଞ୍ଚାୟତର ବାରିମୂଳ ବଙ୍ଗାଳି ସାହି ଗାଁରେ ଜଣେ ଯୁବକ ଶନିବାର ଅପରାହ୍ନରେ ବେକରେ ଏକ ଶାଢ଼ି ଫାଶ ପକାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଯୁବକ ଜଣକ ହେଲେ ଗ୍ରାମର ଦୁର୍ଗାଚରଣ ଦଳାଇଙ୍କ ପୁଅ ପବିତ୍ର କୁମାର (୪୦)। ତେବେ ଯୁବକ ଜଣଙ୍କ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ଅସ୍ପଷ୍ଟ ରହିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପବିତ୍ରଙ୍କ ମୃତଦେହ ଜବତ କରିବା ସହ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ କରାଯାଉଥିବା ନେଇ ପୋଲିସ ସୂତ୍ରରୁ ଜଣାଯାଇଛି।

## ମାର୍ଶାଘାଇରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀ ପୂଜା

ମାର୍ଶାଘାଇ,୨୦।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ମାର୍ଶାଘାଇ ବ୍ଲକର ବିଭିନ୍ନ ପୂଜାମଣ୍ଡପରେ ଗଜଲକ୍ଷ୍ମୀ ପୂଜା ଚାଲିଛି। ମାର୍ଶାଘାଇ ବଜାରରେ ୯ଦିନ ବ୍ୟାପୀ ପୂଜା ହେବ। ବଜାରର କୁମ୍ଭାରସାହି ଥାନପତି, ଲକ୍ ଛକ, ହାଟମଣ୍ଡପ, ବନମାଳି ଛକ, ବନ୍ଧସାହି ହନୁମାନ ମଣ୍ଡପ, ଜୁଣ ଛକ ମଣ୍ଡପ, ଗାଁ ମାର୍ଶାଘାଇ ଅନନ୍ତଶୟନ ମଣ୍ଡପ, କଣକଷୋଟିରେ ଆକର୍ଷଣୀୟ ତୋରଣ ଆଲୋକ ସଜ୍ଜା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର କାର୍ଯ୍ୟକ୍ରମ ରହିଥିବାରୁ ବିଭିନ୍ନ ଅଞ୍ଚଳରୁ ମାର୍ଶାଘାଇ ମଣ୍ଡପକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାର ସମ୍ଭାବନା ଦେଖାଦେଇଛି। ଜୁଣ ଛକ ଲକ୍ଷ୍ମୀ ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେହିପରି ବନମାଳିଛକ ମଣ୍ଡପ, ହାଟ ମଣ୍ଡପ ଓ ଲକ୍ ଛକ ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। କୁମ୍ଭାରସାହି ଥାନପତି ମଣ୍ଡପରେ ଆନନ୍ଦ ବଜାର ବ୍ୟବସ୍ଥା କରାଯାଇ ସାହିର ଭାଇଚାର ସୃଷ୍ଟି କରାଯାଉଛି। ସେହିପରି ଅଙ୍ଗୁଳାଇ ବଜାରର ୩ଟି ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। କୁହୁଡ଼ି ପଞ୍ଚାୟତ ନେମ୍ବରାରେ ୯ଟି ସ୍ଥାନରେ ଲକ୍ଷ୍ମୀପୂଜା, ଥାଉରିରେ ୪ଟି ମଣ୍ଡପ, ଅରଖିଆ ମଣ୍ଡପରେ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ଜମପଡ଼ା, ମେହେନ୍ଦିନଗର, ବନ୍ଧକଟା, ଗରଜଙ୍ଗାର ୨ଟି ସ୍ଥାନରେ ପୂଜା ଅନୁଷ୍ଠିତ ହେଉଥିବାବେଳେ କୁଆଁରପାଳ, ରଣସିଂହସାହି, ବଡ଼ପାଳ ବଜାର ହଳଦିଆଗଡ଼ାରେ ଗଜଲକ୍ଷ୍ମୀ ପୂଜା ହେଉଛି।

## ପୂର୍ବତନ ବିଧାୟକ ଉତ୍କଳଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

ଡେରାବିଶ, ୨୦।୧୦
(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ତଥା ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଉତ୍କଳ କେଶରୀ ପରିଡ଼ାଙ୍କ ଶନିବାର ବିୟୋଗ ହୋଇଯାଇଛି। ଶନିବାର ବିଳମ୍ବିତ ରାତିରେ ବ୍ଲକ ଅଧୀନ ନିଜ ଗ୍ରାମ ଖମୋଳ ପଞ୍ଚାୟତର ବଡ଼ସଲାର ଗ୍ରାମସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତେବେ ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ଜିଲା ସମେତ ପାଟକୁରା ନିର୍ବାଚନମଣ୍ଡଳୀର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ଅନୁଷ୍ଠାନ ପକ୍ଷରୁ ଶୋକପ୍ରକାଶ କରାଯାଇଛି। ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ବିଧାୟକ ଅରବିନ୍ଦ ମହାପାତ୍ର, ଗଣେଶ୍ୱର ବେହେରା ଓ ଧ୍ରୁବ ସାହୁ, ଜିଲା ବିଜେଡି ସଭାପତି ଧୀରେନ ସାହୁ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲ, ରାଜେଶ ପଣ୍ଡା, ଜିଲା ପରିଷଦର ପୂର୍ବତନ ସଭାପତି ଗୀତାଞ୍ଜଳି ସେଠୀ ପ୍ରମୁଖ ପରିଡ଼ାଙ୍କ ଶବାଧାରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶୋକବ୍ୟକ୍ତ କରିଛନ୍ତି। ସେହିପରି ସମବାୟବିତ୍ ପ୍ରମୋଦ କୁମାର ସାହୁ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଭାଜପା ନେତା ତେଜେଶ୍ୱର ପରିଡ଼ା, ନେତ୍ରୀ ମନୀଷା ପଣ୍ଡା, କଂଗ୍ରେସ ନେତା ଜୟନ୍ତ ମହାନ୍ତି, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲା ବିଜେଡି ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂହ, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ଲକ୍ଷ୍ମୀଧର ମହାପାତ୍ର, କ୍ରୀଡାବିତ୍ ସାହାଜାନ ଖାଁ ଓ ଅଧ୍ୟାପକ ପ୍ରଭାକର ସାମଲ ପ୍ରମୁଖଙ୍କ ସମେତ ବହୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ୱର୍ଗତ ପରିଡାଙ୍କ ଶୋକପ୍ରକଟ କରିଛନ୍ତି।

## ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା



ପରୀକ୍ଷା ପରିଚାଳନା କରିବାକୁ ଆସିଥିବା ପରୀକ୍ଷା ନିରୀକ୍ଷକ ଓ ପର୍ଯ୍ୟବେକ୍ଷକ।

ଯାଜପୁର,୨୦।୧୦
(ହର୍ଷବର୍ଦ୍ଧନ ବେହେରା)

ପୁରୀ ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ ତରଫରୁ ଯାଜପୁର ଜିଲାରେ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା-୨୦୨୪ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପରୀକ୍ଷା ନିରୀକ୍ଷକ ଏବଂ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ପୂର୍ବାହ୍ନ ୯ଟାରେ ଉକ୍ତ ପରୀକ୍ଷାର ପ୍ରଶ୍ନପତ୍ର ପ୍ୟାକେଟକୁ ପ୍ରଥମେ ଜହ୍ନାସ୍ଥିତ ଶ୍ରୀବଳଦେବଜୀଉ ମନ୍ଦିରରେ ପୂଜା କରି ସେଠାରୁ ପରୀକ୍ଷା ନିମନ୍ତେ ବାହାରି ଥିଲେ। ଜହ୍ନା ସଦାନନ୍ଦ ଉଚ୍ଚ ବିଦ୍ୟାପୀଠ, ଗୋଲେଇପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ବଡବିରୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟ, ସନ୍ତରା ଲବଣିଦେବୀ ଉଚ୍ଚ ବିଦ୍ୟାପୀଠ, ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲ, ଲକ୍ଷ୍ମୀନଗର ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲ, କୋରେଇ କାହ୍ନୁଚରଣ ଯୁକ୍ତ୩ ମହାବିଦ୍ୟାଳୟ, ଦଳା ସକ୍ସେସ ଏକାଡେମୀ, ସନ୍ତରା ବିଶ୍ୱଭାରତୀ ଯୁକ୍ତ୨ ମହାବିଦ୍ୟାଳୟ, ତାରାକୋଟ ରଘୁନାଥ ସାହୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବରୁଣ୍ଡେଇ ବୈତରଣୀ ରୋଡ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ବ୍ରାହ୍ମଣଦା ରାଧାରମଣ ଉଚ୍ଚ ବିଦ୍ୟାଳୟ, ମଲପଡା ସରକାରୀ ଉଚ୍ଚ ବିଦ୍ୟାଳୟ, ମସୁଦପୁର ଗୁରୁପ୍ରସାଦ ଉଚ୍ଚ ବିଦ୍ୟାଳୟ, କୋଳଥା ବାଙ୍କସାହି ଆଞ୍ଚଳିକ ହାଇସ୍କୁଲ, ପାଣିକୋଇଲି ବିଦ୍ୟାର୍ଥୀ ରେସିଡେନ୍ସିଆଲ ସ୍କୁଲ ଇତ୍ୟାଦିରୁ ପ୍ରାୟ ୧୫ଶହ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଯାଜପୁର ଜିଲା ସଙ୍ଗଠକ କାମଦେବ ଦାଶ ଏବଂ ବିଷ୍ଣୁ ଚରଣ ରାଉତ ପରିଚାଳନା କରିବା ସହିତ କୈଳାସ ଚନ୍ଦ୍ର ରାଉତ, ବିମ୍ବାଧର ସାହୁ, ରାଜୀବ ଲୋଚନ ରାଉତ, ସଦାନନ୍ଦ ବେହେରା, ବିଦ୍ୟାଧର ସାହୁ, ଅତନୁ କୁମାର ବିଶ୍ୱାଳ, ନିରଞ୍ଜନ ନାୟକ, ସଦାନନ୍ଦ ସାହୁ, ପ୍ରଶାନ୍ତ କୁମାର ବିଶ୍ୱାଳ, ପ୍ରଦୀପ ମାଝୀ, ଜଗନ୍ନାଥ ରାଉତ, ସନ୍ତୋଷ କୁମାର ନାୟକ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପରୀକ୍ଷାର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବେ ଭୁବନେଶ୍ୱରର ଚାରଣ ପାର୍ଥସାରଥି ମହାନ୍ତି, ଚାରଣ ନୀହାର ରଞ୍ଜନ ଦାସ, ଚାରଣ ରବିରଞ୍ଜନ ତ୍ରିପାଠୀ ଏବଂ ଚାରଣ ମାନସ ରଞ୍ଜନ ସିଂହ ସମସ୍ତ ପରୀକ୍ଷା କେନ୍ଦ୍ର ବୁଲି ପରିଦର୍ଶନ କରିଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ଗଣିତ ବିଭାଗ ସଫଳତା



ସୁନୀତା କର

ପଟ୍ଟାମୁଣ୍ଡାଇ,୨୦।୧୦ (କଳ୍ପତରୁ ନାୟକ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଅନୁଷ୍ଠିତ ଯୁକ୍ତ ୩ ଗଣିତ ଶେଷ ବର୍ଷ ପରୀକ୍ଷା ଫଳ ମେଧା ତାଲିକାରେ ଥିବା ପ୍ରଥମ ୧୦ଜଣଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ କଲେଜର ସୁନିତା କର ୫ମ ସ୍ଥାନ ଅଧିକାର କରି ପଟ୍ଟାମୁଣ୍ଡାଇ କଲେଜ ଗୌରବ ବୃଦ୍ଧି କରିଛନ୍ତି। ଏଥିପାଇଁ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁ ଓ ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡବ ଛାତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ପଟ୍ଟାମୁଣ୍ଡାଇରୁ ୩ଜଣ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ

ପଟ୍ଟାମୁଣ୍ଡାଇ,୨୦।୧୦(କଳ୍ପତରୁ ନାୟକ)



ସୌମ୍ୟାଶ୍ରୀ ଦାସ



ସାଗରିକା ସେଠୀ



ସନ୍ଦୀପ ସିଂହ

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ପଟ୍ଟାମୁଣ୍ଡାଇରୁ ୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ୧୫୭ ତମ ସ୍ଥାନରେ ଥିବା ସଂସାରଫଳ ପଞ୍ଚାୟତ ଗୁଣ୍ଠି ଗ୍ରାମର ସନ୍ଦୀପ ସିଂହ, ୩୯୪ ସ୍ଥାନରେ ଥିବା ଦୋଷିଆ ପଞ୍ଚାୟତ ବାସୁଦେବପୁର ଗ୍ରାମର ସୌମ୍ୟାଶ୍ରୀ ଦାସ ଓ ୪୯୧ ସ୍ଥାନରେ ଥିବା ବଡ଼ମୂଳବସନ୍ତ ପଞ୍ଚାୟତ ବାଟିପଡ଼ା ଗ୍ରାମର ସାଗରିକା ସେଠୀ ଓଏଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ଗାଁ ସହ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି। ସନ୍ଦୀପ ତାଙ୍କର ସଫଳତାର ଶ୍ରେୟ ପିତା ଶରତ ସିଂହ, ମା' ପୁଷ୍ପଲତା, ଜେଜେ ବାସୁଦେବ ଓ ତାଙ୍କ ଶିକ୍ଷକଙ୍କୁ ଦେଇଛନ୍ତି। ଏହା ପୂର୍ବରୁ ୨ଥର ଏହି ପରୀକ୍ଷାରେ ସେ ଅସଫଳ ହୋଇ ମଧ୍ୟ ହାର୍ ମାନି ନ ଥିଲେ। ଭବିଷ୍ୟତରେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ଓଡ଼ିଶାର ସାଧାରଣଜନତାଙ୍କୁ ନିଜର ନିଷ୍ଠାପର ସେବା ଯୋଗାଇବାକୁ ପ୍ରୟାସ ଜାରି ରଖିବେ ବୋଲି ସେ କହିଛନ୍ତି। ସେହିପରି ବାସୁଦେବ ଗାଁ ଝିଅ ସୌମ୍ୟାଶ୍ରୀ ତାଙ୍କ ସଫଳତାର ଶ୍ରେୟ ମାତାପିତା, ଗୁରୁଜନ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ତାଙ୍କୁ ସଫଳତା ଆଣି ଦେଇଛି। ଜଣେ ଦକ୍ଷ ଉତ୍ତରଦାୟୀ ପ୍ରଶାସନିକ ଅଧିକାରୀ ଭାବେ ସମାଜର ତଳ ପାହାଚରେ ଥିବା ମଣିଷଙ୍କୁ ନ୍ୟାୟ ଦେବାକୁ ନିଜର ସମସ୍ତ ଚେଷ୍ଟା ଜାରି ରଖିବେ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ବାଟିପଡ଼ା ଗ୍ରାମର ସାଗରିକା ସେଠୀ ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ଗାଁର ପ୍ରଥମ ଓଏଏସ୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ବର୍ତ୍ତମାନ ସାଗରିକା ଭଦ୍ରକର ଆଦର୍ଶ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀ ଭାବେ ସାଗରିକା ବିଭିନ୍ନ ପରୀକ୍ଷାରେ ସଫଳତା ହାସଲ କରିଥିଲେ। ତାଙ୍କ ସଫଳତାର ଶ୍ରେୟ ମାତାପିତା, ସମସ୍ତ ଗୁରୁଜନ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଜଣେ ଭଲ ପ୍ରଶାସନିକ ଭାବେ ତୃଣମୂଳ ସ୍ତରରୁ ଲୋକମାନଙ୍କ ସେବା କରିବାକୁ ଚେଷ୍ଟା କରିବେ ବୋଲି ସାଗରିକା କହିଛନ୍ତି। ଓଏଏସ୍ ପରୀକ୍ଷାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ୩ ଜଣଙ୍କ ସଫଳତା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ବାଉଁଶ ବୁଦାରେ ଲୁଚିଛି କୁମ୍ଭୀର

ରାଜନଗର, ୨୦।୧୦ (ଭାସ୍କର ରାଉତରାୟ)



ରାଜନଗର ଅଞ୍ଚଳରେ କୁମ୍ଭୀର ଉତ୍ପାତ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ନଈ ଛାଡ଼ି କୁମ୍ଭୀରମାନେ ଗାଁ ପୋଖରୀ ଓ ରାସ୍ତାରେ ଆତଙ୍କ ସୃଷ୍ଟି କଲେଣି। ପ୍ରତିଦିନ କେଉଁଠି ନା କେଉଁଠି କୁମ୍ଭୀର ଆତଙ୍କ ଖବର ଆସୁଛି। ଦୁଇଦିନ ତଳେ ମହାକାଳପଡ଼ାର ରଟପଙ୍ଗ ଗାଁରେ ଜଣେ ଯୁବକଙ୍କୁ କୁମ୍ଭୀର ଟାଣି ନେଇଥିଲା। ରାଜନଗର ବ୍ଲକ ଡେରା ପଞ୍ଚାୟତର ଧୋବେଇଗଡ଼ ଗାଁରେ ଲୋକଙ୍କ ବାଡ଼ିରେ ଥିବା ବାଉଁଶ ବୁଦାରେ କୁମ୍ଭୀର ଛକିଥିବା ଦେଖିବାକୁ ମିଳିଛି। ଗୁପ୍ତିରୁ ଚାନ୍ଦିବାଉଁଶମୂଳ ଯାଇଥିବା କେନାଲର ଧୋବେଇଗଡ଼ର ଷଣ୍ଢକଣି ନିକଟରେ ବାଉଁଶବୁଦା ଭିତରେ ଏକ ୧୦ ଫୁଟ ଲମ୍ବର କୁମ୍ଭୀର ଛକିଥିବା ଦେଖିବାକୁ ମିଳିଛି। ଷଣ୍ଢକଣି ନିକଟରେ ୧୦ ପରିବାର ରହୁଛନ୍ତି। ରବିବାର ଅପରାହ୍ନରେ କେନାଲ ନିକଟରେ ଥିବା ବାଉଁଶ ବୁଦାରେ ଏକ ୧୦ ଫୁଟ ଲମ୍ବର କୁମ୍ଭୀର ଆଁ କରି ଛକି ରହିଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଏହାର ଫଟୋ ଓ ଭିଡିଓ କରି ବନ ବିଭାଗ ନିକଟକୁ ପଠାଇଥିଲେ ମଧ୍ୟ ଖବର ଲେଖା ହେବା ଯାଏ କୌଣସି ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନାହାନ୍ତି।

## ଶେଷରେ ଶ୍ରେଣୀ ଗୃହରେ ପଡ଼ିଲା ବେଞ୍ଚ ଡେସ୍କ

ଡେରାବିଶ, ୨୦।୧୦(ବେବର୍ତ୍ତା ଅଜୟ ଦାସ)



**ଓଡ଼ିଶା ଆଦର୍ଶ ବିଦ୍ୟାଳୟ**

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକର କୁରୁଜଙ୍ଗାଠାରେ ୨୦୨୨ରେ ସ୍ଥାପିତ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟଟି ବହୁ ଅବ୍ୟବସ୍ଥା ମଧ୍ୟରେ ଚାଲିଥିଲା। ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଦୀର୍ଘ ୨ବର୍ଷ ହେବ ଶ୍ରେଣୀ ଗୃହରେ ପାଲ ପକାଇ ବସୁଥିଲେ। ଏପରିକି ବିଦ୍ୟାଳୟ କାର୍ଯ୍ୟାଳୟ ପାଇଁ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ବସିବା ପାଇଁ କୌଣସି ଆସବାବପତ୍ର ଓ ଚେୟାର ଟେବୁଲ ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲେ। ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ବେଞ୍ଚ ଡେସ୍କ ଓ ଅନ୍ୟ ଉପକରଣ ପାଇଁ ଆର୍ଥିକ ଅନୁଦାନ ଜିଲା ଶିକ୍ଷା ବିଭାଗକୁ ଯୋଗାଇ ଦିଆଯାଇଥିଲା। ମାତ୍ର ବର୍ଷାଧିକ କାଳ ବିତି ଯାଇଥିଲେ ମଧ୍ୟ ଜିଲା ଶିକ୍ଷାଧିକାରୀ ବିଦ୍ୟାଳୟକୁ ଉପକରଣ ଯୋଗାଇବାରେ ବିଳମ୍ବ କରିଥିଲେ। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ତୁରନ୍ତ ପଦକ୍ଷେପ ନେବାକୁ ଅଭିଭାବକମାନେ ଜିଲା ଶିକ୍ଷାଧିକାରୀ, ଜିଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା।

ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଶିକ୍ଷାବିତ୍ ଶରତ କୁମାର କର ମୁଖ୍ୟମନ୍ତ୍ରୀ ଓ ଗଣ ଶିକ୍ଷାମନ୍ତ୍ରୀଙ୍କୁ ଭେଟି ଏହାର ତୁରନ୍ତ ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ବିଷୟରେ ଦୀର୍ଘ ୨ ବର୍ଷ ହେବ ଧରିତ୍ରୀରେ ବାରମ୍ବାର ଖବର ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ମାନବ ଅଧିକାର କର୍ମୀ ସାଗର ଜେନା ଧରିତ୍ରୀରେ ଗତ ଜୁନ ୨୨ତାରିଖରେ ପ୍ରକାଶ ପାଇଥିବା ଖବର ଉପରେ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନର ଏହାକୁ ଗୁରୁତର ସହ ଗ୍ରହଣ କରି ଗଣଶିକ୍ଷା ବିଭାଗର ଶାସନ ସଚିବଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଅଚାନକ ଏହି ବିଦ୍ୟାଳୟ ଗସ୍ତ କରିବା ପରେ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବହୁ ପ୍ରତୀକ୍ଷାର ଅନ୍ତ ପରେ ଶନିବାର ସମ୍ପୃକ୍ତ ବିଦ୍ୟାଳୟରେ ଟେଣ୍ଡର ନେଇଥିବା ଠିକା ସଂସ୍ଥା ପ୍ରଥମ ପର୍ଯ୍ୟାୟରେ ୬୪ ଯୋଡ଼ା ବେଞ୍ଚ ଡେସ୍କ ପହଞ୍ଚାଇଛି। ପର୍ଯ୍ୟାୟକ୍ରମେ ଛାତ୍ରୀଛାତ୍ରଙ୍କ ପାଇଁ ଆଉ ୨୦ ଯୋଡ଼ା ବେଞ୍ଚ ଡେସ୍କ ଓ ବିଦ୍ୟାଳୟର ଆବଶ୍ୟକ ଅନ୍ୟ ଉପକରଣ ଠିକା ସଂସ୍ଥା ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଥିବା ନେଇ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁ ସୂଚନା ଦେଇଛନ୍ତି। ଦୀର୍ଘଦିନ ପରେ ପାଲ ପକାଇ ତଳେ ବସୁଥିବା ଛାତ୍ରୀଛାତ୍ରଙ୍କୁ ଆଶ୍ୱସ୍ତି ମିଳିଥିବା ବେଳେ ଅଭିଭାବକ ମହଲରେ ଆନନ୍ଦ ଦେଖାଦେଇଛି। ଏଥିପାଇଁ ଜିଲାପାଳ ପ୍ରଧାନ, ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗଙ୍କ ସମେତ ପରିଚାଳନା କମିଟି ସଦସ୍ୟ କର ଓ ମାନବ ଅଧିକାର କର୍ମୀ ଜେନାଙ୍କୁ ଅଭିଭାବକ ପକ୍ଷରୁ କୃଷ୍ଣଚନ୍ଦ୍ର ସାହୁ, ଯୋଗାନନ୍ଦ ମହାନ୍ତି, ଧରଣୀଧର ପ୍ରଧାନ, ଯଶୋବନ୍ତ ପ୍ରଧାନ, ସ୍ୱର୍ଣ୍ଣଲତା ରାଉତ ଓ ସଙ୍ଗିତା ଦାସ ପ୍ରମୁଖ ସାଧୁବାଦ ଜଣାଇଛନ୍ତି।

# ବ୍ୟକ୍ତିଗତ ଜାଗାକୁ ମଡ଼ାଇ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ

- ବ୍ଲକ ପ୍ରଶାସନ ଆଇନକୁ ବେଖାତିର
- ଏବେ ହେଉଛି ପାଚେରି କାମ




ବ୍ୟକ୍ତିଗତ ଜାଗା ଉପରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇଥିବା ନେଇ କୋର୍ଟରେ ବିଚାର ଚାଲିଥିବାବେଳେ ଏବେ ପୁଣି ପାଚେରି ତିଆରି ଚାଲିଛି।

ପଟ୍ଟାମୁଣ୍ଡାଇ, ୨୦।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଶ୍ରୀରାମପୁର ପଞ୍ଚାୟତ ମଠସାହି ଗ୍ରାମର ବିଷ୍ଣୁ ମଲ୍ଲିକଙ୍କ ବ୍ୟକ୍ତିଗତ ଜାଗାକୁ ମଡ଼ାଇ ଅଙ୍ଗନୱାଡ଼ି ଗୃହ ନିର୍ମାଣକୁ ନେଇ ସେ ଚିନ୍ତାରେ ଥିଲେ। ଏବେ ପୁଣି ନିଜ ଜାଗାରେ ଅଙ୍ଗନୱାଡି ପାଚେରି ନିର୍ମାଣକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୧୯ରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ବେଳେ ସେ ପଟ୍ଟାମୁଣ୍ଡାଇ ବିଡିଓ, ତହସିଲଦାର, କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ବାଧ ହୋଇ ସେ ପଟ୍ଟାମୁଣ୍ଡାଇ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ମାତ୍ର କୋର୍ଟରେ ମାମଲାଟି ବିଚାରାଧୀନ ଥିବା ବେଳେ ବ୍ଲକ ପ୍ରଶାସନ ଖାତିର ନ କରି ଉକ୍ତ ସ୍ଥାନରେ ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ। ଏ ନେଇ ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ବିଷୟରେ ତନଖି ପାଇଁ ଜିଲାପାଳ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବ୍ଲକ ପ୍ରଶାସନ ଉକ୍ତ ନିର୍ଦ୍ଦେଶକୁ ଅବମାନନା କରି ସେହି ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ଶେଷ କରି ଏବେ ପୁଣି ଉକ୍ତ ଜାଗାରେ ପାଚେରି କରୁଛନ୍ତି। ଯାହାକୁ ନେଇ ବିଷ୍ଣୁ ଅସନ୍ତୋଷ ବ୍ୟକ୍ତ କରିବା ସହ ପୁଣି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି।

ବିଷ୍ଣୁ ମଲ୍ଲିକଙ୍କ ଅଭିଯୋଗ ଅନୁଯାୟୀ, ପଟ୍ଟାମୁଣ୍ଡାଇ ତହସିଲ, ଗ୍ରାମାଞ୍ଚଳ ଥାନା ଅଧୀନ ଶ୍ରୀରାମପୁର ପଞ୍ଚାୟତର ମଠସାହି ଗ୍ରାମର ଖାତା ନଂ. ୫୮୦ରେ ଘରବାଡ଼ି ରହିଥିବାବେଳେ ଏହାର ପାର୍ଶ୍ୱରେ ଗୋଦଣ୍ଡା କିସମରେ ପ୍ରଶାସନ ରାସ୍ତା ଦେଇଥିଲା। ତାହାର ପ୍ଲଟ ନଂ. ୨୬୦୯ ଏବଂ ଖାତା ନଂ. ୯୩୬ ଥିବାବେଳେ ୨୦୧୯ ମସିହାରେ ସେହି ଗୋଦଣ୍ଡା କିସମ ଉପରେ ଗ୍ରାମର କେତେଜଣ ଲୋକଙ୍କ କଥାରେ ପଡ଼ି ବ୍ଲକ ପ୍ରଶାସନ ଯନ୍ତ୍ରୀ ବେଆଇନ ଭାବେ ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିସହ ପ୍ଲଟ ନଂ. ୨୫୫୮ର ବ୍ୟକ୍ତିଗତ ଜାଗାକୁ ମଡାଇ ଅଙ୍ଗନୱାଡି କେନ୍ଦ୍ର ଗୃହ ଆରମ୍ଭ କଲେ। ଏ ନେଇ ଜାଗା ମାଲିକ ବିଷ୍ଣୁ କେନ୍ଦ୍ରାପଡ଼ା ଜିଲାପାଳ, ପଟ୍ଟାମୁଣ୍ଡାଇ ବିଡିଓ, ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବିଷ୍ଣୁ ଅବରୋଧ କେସ ନଂ. ୩୫୧/୧୯ ରେ ଏକ ମାମଲା ରୁଜୁ କରିଥିଲେ। ହେଲେ ଏଥିରେ କୌଣସି ପ୍ରଭାବ ନ ପଡ଼ିବାରୁ ସେ ବାଧ ହୋଇ ୩।୨।୨୦୨୦ରେ ରାଜ୍ୟ ସରକାର, କେନ୍ଦ୍ରାପଡ଼ା ଜିଲାପାଳ, ପଟ୍ଟାମୁଣ୍ଡାଇ ତହସିଲଦାର, ବିଡିଓଙ୍କ ନାମରେ ପଟ୍ଟାମୁଣ୍ଡାଇ କୋର୍ଟରେ କେସ ନଂ. ୬୩/୨୦୨୦ ରୁଜୁ କରିଥିଲେ। ଉକ୍ତ ମାମଲା ବିଚାରାଧୀନ ଥିବାବେଳେ ସେ କଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଡବ୍ଲୁପିସି ନଂ. ୧୩୦୮୪/୨୦୨୩ ରୁଜୁ କରିଥିଲେ। ହାଇକୋର୍ଟ ଉକ୍ତ ଜାଗାର ଭିତ୍ତିଭୂମିର ତଦନ୍ତ ପାଇଁ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ସମସ୍ତ ମାମଲା ଭିତରେ ବ୍ୟକ୍ତିଗତ ଜାଗାକୁ ମାଡ଼ି ବସି ବ୍ଲକ ପ୍ରଶାସନ ଗୃହ ନିର୍ମାଣ ସାରି ଏବେ ପୁଣି ପାଚେରି ନିର୍ମାଣ ଚଳାଇଛି ବୋଲି ସେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବ୍ଲକ ଯନ୍ତ୍ରୀ ଓ ସ୍ଥାନୀୟ ଠିକାଦାର ଆଇନକାନୁନକୁ ଦଳିମକଚି ତରବରିଆ ଭାବେ ଏହି କାର୍ଯ୍ୟ ସାରି ବିଲ୍ କରିନେଇଥିବା ବେଳେ ବିଡିଓ ଏହା ଉପରେ ଦୃଷ୍ଟି ନ ଦେବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ହାଇକୋର୍ଟରେ ମାମଲା ବିଚାରାଧୀନ ଅଛି। ଯଦି ଅଙ୍ଗନୱାଡି କେନ୍ଦ୍ର ଉକ୍ତ ଜାଗାରୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଆସେ ତେବେ କ'ଣ କରାଯିବ ବୋଲି ବିଡିଓ ଶୁଭ୍ରାଂଶୁ ସାହୁଙ୍କୁ ପଚାରିବାରେ ଏହି କାର୍ଯ୍ୟ ୨୦୧୯ରେ ହୋଇଛି। ଏହା ଉପରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଓମ୍‌ସା ନିର୍ବାଚନ: ଡା. କିଶୋର ଚନ୍ଦ୍ର ମିଶ୍ର ସଭାପତି

କେନ୍ଦ୍ରାପଡ଼ା, ୨୦।୧୦ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଶିଶୁରୋଗ ବିଶେଷଜ୍ଞ ଡା. କିଶୋର ଚନ୍ଦ୍ର ମିଶ୍ର ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମ୍‌ସା)ର ରାଜ୍ୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏ ନେଇ ଶନିବାର ହୋଇଥିବା ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କଠାରୁ ୮୬ ଖଣ୍ଡ ଭୋଟରେ ଆଗୁଆ ଅଛନ୍ତି। ନିର୍ବାଚନରେ ମୋଟ ୩୩୮୬ ଭୋଟରଙ୍କ ମଧ୍ୟରୁ ୨୨୮୦ ସଦସ୍ୟ ଭୋଟ ଗ୍ରହଣରେ ଭାଗ ନେଇଥିଲେ। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଡା. ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ୧୦୧୧ ଖଣ୍ଡ ଭୋଟ ମିଳିଥିବା ବେଳେ ଡା. ମିଶ୍ରଙ୍କୁ ରାଜ୍ୟ ସଭାପତି ପଦ ପାଇଁ ୧୦୯୭ ଖଣ୍ଡ ଭୋଟ ମିଳିଥିଲା। ସେହିପରି ଏହି ନିର୍ବାଚନରେ ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମ୍‌ଓ ଡା. ନୃପେନ୍ଦ୍ର ଶତପଥୀ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଓ ଭେଷଜ ବିଶେଷଜ୍ଞ ଡା. ସଞ୍ଜିତ ସେଠୀ ପୂର୍ବ ଜୋନ୍‌ର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

# ଓଏଏସ୍ ପରୀକ୍ଷାରେ ସାରସ୍ୱତ କୃତକାର୍ଯ୍ୟ

ରାଜକନିକା,୨୦।୧୦(ସଞ୍ଜୟ କୁମାର ଦାଶ)



ରାଜକନିକା ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତର ବଳରାମପୁର ଗାଁ ଶିକ୍ଷକ ହରେକୃଷ୍ଣ ସାହୁଙ୍କ ପୁଅ ସାରସ୍ୱତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୩୨ ର୍‍ୟାଙ୍କରେ ରହି ଓକାଲତରେ ପ୍ରଥମ ଆଣିଛନ୍ତି। ପ୍ରକାଶିତ ଓପିଏସ୍‌ସି ପରୀକ୍ଷାରେ ସାରସ୍ୱତ ସଫଳତାର ସହିତ କୃତକାର୍ଯ୍ୟ ହୋଇଛନ୍ତି। ସେ ତୃତୀୟ ଥର ଓଏଏସ୍ ପରୀକ୍ଷାରେ ଅସଫଳ ହୋଇଥିଲେ ବି ଦୃଢ଼ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ଲାଗି ସେ ସଫଳତା ପାଇଥିବା କହିଛନ୍ତି। ପ୍ରତିଦିନ ସେ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲେ। ସାରସ୍ୱତଙ୍କ ପିତା ଶିକ୍ଷକ ହରେକୃଷ୍ଣ ସପଲାଙ୍ଗ ସ୍କୁଲରେ ଶିକ୍ଷକତା କରୁଥିବା ବେଳେ ତାଙ୍କ ମା' ଶିକ୍ଷଣିକା ମଧ୍ୟ ଦେଓଗାଁ ସ୍କୁଲରେ ଶିକ୍ଷୟିତ୍ରୀ ରହିଛନ୍ତି। ତାଙ୍କର ଏହି ସଫଳତା ଲାଗି ମାତାପିତା, ଜେଜେ ରାମଚନ୍ଦ୍ର, ଜେଜେମା ସକୁନ୍ତଳା, ଅଜା ପୁଷ୍ପକାନ୍ତ, ଆଈ କଲ୍ୟାଣୀ, କଲେଜ ସାଙ୍ଗମାନଙ୍କୁ ସେ ଶ୍ରେୟ ଦେଇଛନ୍ତି। ଆଗାମୀଦିନରେ ପ୍ରଶାସନିକ ସେବାରେ ସେ ତଳସ୍ତରର ଲୋକମାନଙ୍କ ପାଇଁ କାମ କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ତାଙ୍କର ଏଭଳି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଯୁବକଙ୍କ ଆତ୍ମହତ୍ୟା

ଡେରାବିଶ, ୨୦।୧୦(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବାରିମୂଳ ପଞ୍ଚାୟତର ବାରିମୂଳ ବଙ୍ଗାଳି ସାହି ଗାଁରେ ଜଣେ ଯୁବକ ଶନିବାର ଅପରାହ୍ଣରେ ବେକରେ ଏକ ଶାଢ଼ି ଫାଶ ପକାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଯୁବକ ଜଣକ ହେଲେ ଗ୍ରାମର ଦୁର୍ଗାଚରଣ ଦଳାଇଙ୍କ ପୁଅ ପବିତ୍ର କୁମାର (୪୦)। ତେବେ ଯୁବକ ଜଣଙ୍କ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ଅସ୍ପଷ୍ଟ ରହିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପବିତ୍ରଙ୍କ ମୃତଦେହ ଜବତ କରିବା ସହ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ କରାଯାଉଥିବା ନେଇ ପୋଲିସ ସୂତ୍ରରୁ ଜଣାଯାଇଛି।

# ମାର୍ଶାଘାଇରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀ ପୂଜା

ମାର୍ଶାଘାଇ,୨୦।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)




ମାର୍ଶାଘାଇ ବ୍ଲକର ବିଭିନ୍ନ ପୂଜାମଣ୍ଡପରେ ଗଜଲକ୍ଷ୍ମୀ ପୂଜା ଚାଲିଛି। ମାର୍ଶାଘାଇ ବଜାରରେ ୯ଦିନ ବ୍ୟାପୀ ପୂଜା ହେବ। ବଜାରର କୁମ୍ଭାରସାହି ଥାନପତି, ଲକ୍ ଛକ, ହାଟମଣ୍ଡପ, ବନମାଳି ଛକ, ବନ୍ଧସାହି ହନୁମାନ ମଣ୍ଡପ, ଜୁଣ ଛକ ମଣ୍ଡପ, ଗାଁ ମାର୍ଶାଘାଇ ଅନନ୍ତଶୟନ ମଣ୍ଡପ, କଣକଷୋଟିରେ ଆକର୍ଷଣୀୟ ତୋରଣ ଆଲୋକ ସଜ୍ଜା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର କାର୍ଯ୍ୟକ୍ରମ ରହିଥିବାରୁ ବିଭିନ୍ନ ଅଞ୍ଚଳରୁ ମାର୍ଶାଘାଇ ମଣ୍ଡପକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାର ସମ୍ଭାବନା ଦେଖାଦେଇଛି। ଜୁଣ ଛକ ଲକ୍ଷ୍ମୀ ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେହିପରି ବନମାଳିଛକ ମଣ୍ଡପ, ହାଟ ମଣ୍ଡପ ଓ ଲକ୍ ଛକ ମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। କୁମ୍ଭାରସାହି ଥାନପତି ମଣ୍ଡପରେ ଆନନ୍ଦ ବଜାର ବ୍ୟବସ୍ଥା କରାଯାଇ ସାହିର ଭାଇଚାର ସୃଷ୍ଟି କରାଯାଉଛି। ସେହିପରି ଅଙ୍ଗୁଳାଇ ବଜାରର ୩ଟି ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। କୁହୁଡ଼ି ପଞ୍ଚାୟତ ନେମ୍ବରାରେ ୯ଟି ସ୍ଥାନରେ ଲକ୍ଷ୍ମୀପୂଜା, ଥାଉରିରେ ୪ଟି ମଣ୍ଡପ, ଅରଖିଆ ମଣ୍ଡପରେ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ଜମପଡ଼ା, ମେହେନ୍ଦିନଗର, ବନ୍ଧକଟା, ଗରଜଙ୍ଗାର ୨ଟି ସ୍ଥାନରେ ପୂଜା ଅନୁଷ୍ଠିତ ହେଉଥିବାବେଳେ କୁଆଁରପାଳ, ରଣସିଂହସାହି, ବଡ଼ପାଳ ବଜାର ହଳଦିଆଗଡ଼ାରେ ଗଜଲକ୍ଷ୍ମୀ ପୂଜା ହେଉଛି।

# ପୂର୍ବତନ ବିଧାୟକ ଉତ୍କଳଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

ଡେରାବିଶ, ୨୦।୧୦
(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ତଥା ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଉତ୍କଳ କେଶରୀ ପରିଡ଼ାଙ୍କ ଶନିବାର ବିୟୋଗ ହୋଇଯାଇଛି। ଶନିବାର ବିଳମ୍ବିତ ରାତିରେ ବ୍ଲକ ଅଧୀନ ନିଜ ଗ୍ରାମ ଖମୋଳ ପଞ୍ଚାୟତର ବଡ଼ସଲାର ଗ୍ରାମସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତେବେ ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ଜିଲା ସମେତ ପାଟକୁରା ନିର୍ବାଚନମଣ୍ଡଳୀର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ଅନୁଷ୍ଠାନ ପକ୍ଷରୁ ଶୋକପ୍ରକାଶ କରାଯାଇଛି। ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ବିଧାୟକ ଅରବିନ୍ଦ ମହାପାତ୍ର, ଗଣେଶ୍ୱର ବେହେରା ଓ ଧ୍ରୁବ ସାହୁ, ଜିଲା ବିଜେଡି ସଭାପତି ଧୀରେନ ସାହୁ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲ, ରାଜେଶ ପଣ୍ଡା, ଜିଲା ପରିଷଦର ପୂର୍ବତନ ସଭାପତି ଗୀତାଞ୍ଜଳି ସେଠୀ ପ୍ରମୁଖ ପରିଡ଼ାଙ୍କ ଶବାଧାରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶୋକବ୍ୟକ୍ତ କରିଛନ୍ତି। ସେହିପରି ସମବାୟବିତ୍ ପ୍ରମୋଦ କୁମାର ସାହୁ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଭାଜପା ନେତା ତେଜେଶ୍ୱର ପରିଡ଼ା, ନେତ୍ରୀ ମନୀଷା ପଣ୍ଡା, କଂଗ୍ରେସ ନେତା ଜୟନ୍ତ ମହାନ୍ତି, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲା ବିଜେଡି ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂହ, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ଲକ୍ଷ୍ମୀଧର ମହାପାତ୍ର, କ୍ରୀଡାବିତ୍ ସାହାଜାନ ଖାଁ ଓ ଅଧ୍ୟାପକ ପ୍ରଭାକର ସାମଲ ପ୍ରମୁଖଙ୍କ ସମେତ ବହୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ୱର୍ଗତ ପରିଡାଙ୍କ ଶୋକପ୍ରକଟ କରିଛନ୍ତି।

# ରଶ୍ମି ରଞ୍ଜନ ହତ୍ୟା ଘଟଣା, ୨ଜଣ ଏବେ ବି ଫେରାର

ରାଜନଗର, ୨୦।୧୦
(ଭାସ୍କର ରାଉତରାୟ)

ରାଜନଗର ଥାନା କୁରୁଣ୍ଟି ଗାଁର ରଙ୍ଗାଧର ପରିଡ଼ାଙ୍କ ପୁଅ ରଶ୍ମିରଞ୍ଜନଙ୍କୁ ୧୮ ତାରିଖ ରାତି ୮ଟା ମଧ୍ୟରେ ଲୋକ ଚଳାଚଳ କରୁଥିବା ସ୍ଥାନରେ ହତ୍ୟା କରାଯାଇଥିଲା। ଯେଉଁ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ହତ୍ୟା କରାଗଲା, ସେ ସ୍ଥାନଠାରୁ ବଜାରର ଦୂରତା ୫୦ ଫୁଟ୍ ହୋଇଥିବା ବେଳେ ଗାଁ ରାସ୍ତାର ଦୂରତା ୨୦ ଫୁଟ୍ ହେବ। ସନ୍ଧ୍ୟା ସମୟରେ ଅତି ଚତୁରତାର ସହ ରଶ୍ମିରଞ୍ଜନଙ୍କ ବେକରେ ଲୁହା ରଡ଼ ଭର୍ତ୍ତି କରି ଓ କଟୁରି ସାହାଯ୍ୟରେ ମୁଣ୍ଡ ପାଖରେ କାନମୂଳକୁ ହଣାଗଲା ଅଥଚ ତାଙ୍କ ଚିତ୍କାର କେହି ଶୁଣି ପାରିଲେ ନାହିଁ। ସେହି ସମୟରେ ବାତ୍ୟା ଆଶ୍ରୟସ୍ଥଳ ସମ୍ମୁଖରେ ୭ଟାରୁ ୮ଟା ଯାଏ ଦୀର୍ଘ ୧ ଘଣ୍ଟା ଧରି ଡିଜେ ମେସିନ ବାଜୁଥିଲା। ଗାଁ ମଝିରେ କୁମାରପୂର୍ଣ୍ଣିମା ଝିଅମାନଙ୍କର ଭସାଣି ଉତ୍ସବ ପାଇଁ ଏହି ଡିଜେ ବାଜୁଥିଲା ବୋଲି କୁହାଯାଉଛି। ଯେଉଁ ସ୍ଥାନରେ ଭସାଣି ଉତ୍ସବ ଅନୁଷ୍ଠିତ ହେଉଥିଲା, ସେ ସ୍ଥାନରେ ଡିଜେ ନ ବାଜି ବାତ୍ୟା ଆଶ୍ରୟସ୍ଥଳ ସମ୍ମୁଖରେ ଦୀର୍ଘ ୧ ଘଣ୍ଟା ଧରି କାହିଁକି ବାଜୁଥିଲା, ତାହାକୁ ନେଇ ପ୍ରଶ୍ନ ଉଠୁଛି। ଏହା ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ, ରଶ୍ମିରଞ୍ଜନଙ୍କ ଚିତ୍କାର ବାହାରକୁ ନ ଯିବା ପାଇଁ ହତ୍ୟାକାରୀ ଏପରି ଯୋଜନା କରିଥିଲେ ବୋଲି ଆଲୋଚନା ହେଉଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ନେଇ ମୃତକଙ୍କ ବାପା ଦେଇଥିବା ଅଭିଯୋଗରେ ୧ ନମ୍ବର ଅଭିଯୁକ୍ତ ଆନନ୍ଦ କଅଁର, ଦିଲୁ ମହାରଥା ଏଯାଏ ଫେରାର ଅଛନ୍ତି। ଏହି ୨ଜଣଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ ୧୮ ତାରିଖ ରାତିରୁ ଉଠାଇ ଆଣିଥିବା ୪ଜଣଙ୍କୁ ପଚରାଉଚରା ଜାରି ରଖିଛି। ପୋଲିସ ୩ଦିନ ଧରି ପଚାରାଉଚରା କରୁଥିଲେ ମଧ ଶେଷ ସିଦ୍ଧାନ୍ତରେ ପହଞ୍ଚି ପାରିନାହିଁ। କଥା ମେଳ ଖାଉ ନ ଥିବାରୁ ପୋଲିସ ଏହି ସ୍ପର୍ଶକାତର ଘଟଣାରେ ଅତି ସତର୍କତାର ସହ ତଦନ୍ତ କରୁଛି। ସୋମବାର ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଯୁବକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।

# ପଟ୍ଟାମୁଣ୍ଡାଇ କଲେଜ ଗଣିତ ବିଭାଗ ସଫଳତା



ସୁନୀତା କର

ପଟ୍ଟାମୁଣ୍ଡାଇ,୨୦।୧୦ (କଳ୍ପତରୁ ନାୟକ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଅନୁଷ୍ଠିତ ଯୁକ୍ତ ୩ ଗଣିତ ଶେଷ ବର୍ଷ ପରୀକ୍ଷା ଫଳ ମେଧା ତାଲିକାରେ ଥିବା ପ୍ରଥମ ୧୦ଜଣଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ କଲେଜର ସୁନିତା କର ୫ମ ସ୍ଥାନ ଅଧିକାର କରି ପଟ୍ଟାମୁଣ୍ଡାଇ କଲେଜ ଗୌରବ ବୃଦ୍ଧି କରିଛନ୍ତି। ଏଥିପାଇଁ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁ ଓ ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡବ ଛାତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ପଟ୍ଟାମୁଣ୍ଡାଇରୁ ୩ଜଣ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ

ପଟ୍ଟାମୁଣ୍ଡାଇ,୨୦।୧୦(କଳ୍ପତରୁ ନାୟକ)



ସୌମ୍ୟାଶ୍ରୀ ଦାସ



ସାଗରିକା ସେଠୀ



ସନ୍ଦୀପ ସିଂହ

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ପଟ୍ଟାମୁଣ୍ଡାଇରୁ ୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ୧୫୭ ତମ ସ୍ଥାନରେ ଥିବା ସଂସାରଫଳ ପଞ୍ଚାୟତ ଗୁଣ୍ଡି ଗ୍ରାମର ସନ୍ଦୀପ ସିଂହ, ୩୯୪ ସ୍ଥାନରେ ଥିବା ଦୋଷିଆ ପଞ୍ଚାୟତ ବାସୁଦେବପୁର ଗ୍ରାମର ସୌମ୍ୟାଶ୍ରୀ ଦାସ ଓ ୪୯୧ ସ୍ଥାନରେ ଥିବା ବଡ଼ମୂଳବସନ୍ତ ପଞ୍ଚାୟତ ବାଟିପଡ଼ା ଗ୍ରାମର ସାଗରିକା ସେଠୀ ଓଏଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ଗାଁ ସହ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି। ସନ୍ଦୀପ ତାଙ୍କର ସଫଳତାର ଶ୍ରେୟ ପିତା ଶରତ ସିଂହ, ମା' ପୁଷ୍ପଲତା, ଜେଜେ ବାସୁଦେବ ଓ ତାଙ୍କ ଶିକ୍ଷକଙ୍କୁ ଦେଇଛନ୍ତି। ଏହା ପୂର୍ବରୁ ୨ଥର ଏହି ପରୀକ୍ଷାରେ ସେ ଅସଫଳ ହୋଇ ମଧ୍ୟ ହାର୍ ମାନି ନ ଥିଲେ। ଭବିଷ୍ୟତରେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ଓଡ଼ିଶାର ସାଧାରଣଜନତାଙ୍କୁ ନିଜର ନିଷ୍ପାପର ସେବା ଯୋଗାଇବାକୁ ପ୍ରୟାସ ଜାରି ରଖିବେ ବୋଲି ସେ କହିଛନ୍ତି। ସେହିପରି ବାସୁଦେବ ଗାଁ ଝିଅ ସୌମ୍ୟାଶ୍ରୀ ତାଙ୍କ ସଫଳତାର ଶ୍ରେୟ ମାତାପିତା, ଗୁରୁଜନ ଓ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ତାଙ୍କୁ ସଫଳତା ଆଣି ଦେଇଛି। ଜଣେ ଦକ୍ଷ ଉତ୍ତରଦାୟୀ ପ୍ରଶାସନିକ ଅଧିକାରୀ ଭାବେ ସମାଜର ତଳ ପାହାଚରେ ଥିବା ମଣିଷଙ୍କୁ ନ୍ୟାୟ ଦେବାକୁ ନିଜର ସମସ୍ତ ଚେଷ୍ଟା ଜାରି ରଖିବେ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ବାଟିପଡ଼ା ଗ୍ରାମର ସାଗରିକା ସେଠୀ ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ଗାଁର ପ୍ରଥମ ଓଏଏସ୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ବର୍ତ୍ତମାନ ସାଗରିକା ଭଦ୍ରକର ଆଦର୍ଶ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀ ଭାବେ ସାଗରିକା ବିଭିନ୍ନ ପରୀକ୍ଷାରେ ସଫଳତା ହାସଲ କରିଥିଲେ। ତାଙ୍କ ସଫଳତାର ଶ୍ରେୟ ମାତାପିତା, ସମସ୍ତ ଗୁରୁଜନ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଜଣେ ଭଲ ପ୍ରଶାସନିକ ଭାବେ ତୃଣମୂଳ ସ୍ତରରୁ ଲୋକମାନଙ୍କ ସେବା କରିବାକୁ ଚେଷ୍ଟା କରିବେ ବୋଲି ସାଗରିକା କହିଛନ୍ତି। ଓଏଏସ୍ ପରୀକ୍ଷାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ୩ ଜଣଙ୍କ ସଫଳତା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ଯାତ୍ରା କମିଟିର ପ୍ରସ୍ତୁତି ବୈଠକ

ରାଜନଗର, ୨୦।୧୦ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ରାଜପୁର ପଞ୍ଚାୟତ ମା'ତାରିଣୀ ଯାତ୍ରା କମିଟିର ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଚନ୍ଦନପୁର ମା'ତାରିଣୀ ପୀଠରେ ଆସନ୍ତା ଏପ୍ରିଲରେ ହେବାକୁ ଥିବା ଯାତ୍ରାକୁ ଶୃଙ୍ଖଳାର ସହ ଶେଷ କରିବାକୁ ଆଲୋଚନା ହେବା ସହ ଏକ କମିଟି ଗଠନ କରାଯାଇଛି। କମିଟି ସଭାପତି ଭାବେ ଶ୍ରୀନିବାସ ପାତ୍ର, ଗୋପୀନାଥ ପାଢୀ ସମ୍ପାଦକ, କାର୍ଯ୍ୟକାରୀ ସଭାପତି ରମାକାନ୍ତ ରାଉତ, ସନ୍ତୋଷ ପ୍ରଧାନ, ଶରତ ଜେନା, ହେମନ୍ତ ସାହୁ, ସହ ସମ୍ପାଦକ ଧୀରେନ ନାୟକ, ପ୍ରଶାନ୍ତ ଦାସ, ଉମେଶ ଦାସ, ନିମାଇଁ ଦାସ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ପାତ୍ର, ଉପଦେଷ୍ଟା ପ୍ରଶାନ୍ତ କୁମାର ଜେନା, ଶାନ୍ତନୁ ପାତ୍ର, ରାଜେଶ ବଳ, ବିଧୂଭୂଷଣ ସ୍ୱାଇଁ ପ୍ରମୁଖ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ବଳଭଦ୍ରପ୍ରସାଦ, ବାଲିଚନ୍ଦ୍ରପୁର, ରାଜପୁର, ଚନ୍ଦନପୁର ଗ୍ରାମର ଯୁବକଙ୍କୁ ନେଇ କମିଟି ଗଠନ କରାଯାଇଛି।

# ବାଉଁଶ ବୁଦାରେ ଲୁଚିଛି କୁମ୍ଭୀର

ରାଜନଗର, ୨୦।୧୦ (ଭାସ୍କର ରାଉତରାୟ)



ରାଜନଗର ଅଞ୍ଚଳରେ କୁମ୍ଭୀର ଉତ୍ପାତ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ନଈ ଛାଡ଼ି କୁମ୍ଭୀରମାନେ ଗାଁ ପୋଖରୀ ଓ ରାସ୍ତାରେ ଆତଙ୍କ ସୃଷ୍ଟି କଲେଣି। ପ୍ରତିଦିନ କେଉଁଠି ନା କେଉଁଠି କୁମ୍ଭୀର ଆତଙ୍କ ଖବର ଆସୁଛି। ଦୁଇଦିନ ତଳେ ମହାକାଳପଡ଼ାର ରଟପଙ୍ଗ ଗାଁରେ ଜଣେ ଯୁବକଙ୍କୁ କୁମ୍ଭୀର ଟାଣି ନେଇଥିଲା। ରାଜନଗର ବ୍ଲକ ଡେରା ପଞ୍ଚାୟତର ଧୋବେଇଗଡ଼ ଗାଁରେ ଲୋକଙ୍କ ବାଡ଼ିରେ ଥିବା ବାଉଁଶ ବୁଦାରେ କୁମ୍ଭୀର ଛକିଥିବା ଦେଖିବାକୁ ମିଳିଛି। ଗୁପ୍ତିରୁ ଚାନ୍ଦିବାଉଁଶମୂଳ ଯାଇଥିବା କେନାଲର ଧୋବେଇଗଡ଼ର ଷଣ୍ଢକଣି ନିକଟରେ ବାଉଁଶବୁଦା ଭିତରେ ଏକ ୧୦ ଫୁଟ ଲମ୍ବର କୁମ୍ଭୀର ଛକିଥିବା ଦେଖିବାକୁ ମିଳିଛି। ଷଣ୍ଢକଣି ନିକଟରେ ୧୦ ପରିବାର ରହୁଛନ୍ତି। ରବିବାର ଅପରାହ୍ଣରେ କେନାଲ ନିକଟରେ ଥିବା ବାଉଁଶ ବୁଦାରେ ଏକ ୧୦ ଫୁଟ ଲମ୍ବର କୁମ୍ଭୀର ଆଁ କରି ଛକି ରହିଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଏହାର ଫଟୋ ଓ ଭିଡିଓ କରି ବନ ବିଭାଗ ନିକଟକୁ ପଠାଇଥିଲେ ମଧ୍ୟ ଖବର ଲେଖା ହେବା ଯାଏ କୌଣସି ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନାହାନ୍ତି।

# ଶେଷରେ ଶ୍ରେଣୀ ଗୃହରେ ପଡ଼ିଲା ବେଞ୍ଚ ଡେସ୍କ

ଡେରାବିଶ, ୨୦।୧୦(ବେବର୍ତ୍ତା ଅଜୟ ଦାସ)



କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକର କୁରୁଜଙ୍ଗାଠାରେ ୨୦୨୨ରେ ସ୍ଥାପିତ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟଟି ବହୁ ଅବ୍ୟବସ୍ଥା ମଧ୍ୟରେ ଚାଲିଥିଲା। ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଦୀର୍ଘ ୨ବର୍ଷ ହେବ ଶ୍ରେଣୀ ଗୃହରେ ପାଲ ପକାଇ ବସୁଥିଲେ। ଏପରିକି ବିଦ୍ୟାଳୟ କାର୍ଯ୍ୟାଳୟ ପାଇଁ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ବସିବା ପାଇଁ କୌଣସି ଆସବାବପତ୍ର ଓ ଚେୟାର ଟେବୁଲ ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲେ। ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ବେଞ୍ଚ ଡେସ୍କ ଓ ଅନ୍ୟ ଉପକରଣ ପାଇଁ ଆର୍ଥିକ ଅନୁଦାନ ଜିଲା ଶିକ୍ଷା ବିଭାଗକୁ ଯୋଗାଇ ଦିଆଯାଇଥିଲା। ମାତ୍ର ବର୍ଷାଧିକ କାଳ ବିତି ଯାଇଥିଲେ ମଧ୍ୟ ଜିଲା ଶିକ୍ଷାଧିକାରୀ ବିଦ୍ୟାଳୟକୁ ଉପକରଣ ଯୋଗାଇବାରେ ବିଳମ୍ବ କରିଥିଲେ। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ତୁରନ୍ତ ପଦକ୍ଷେପ ନେବାକୁ ଅଭିଭାବକମାନେ ଜିଲା ଶିକ୍ଷାଧିକାରୀ, ଜିଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା।

ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଶିକ୍ଷାବିତ୍ ଶରତ କୁମାର କର ମୁଖ୍ୟମନ୍ତ୍ରୀ ଓ ଗଣ ଶିକ୍ଷାମନ୍ତ୍ରୀଙ୍କୁ ଭେଟି ଏହାର ତୁରନ୍ତ ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ବିଷୟରେ ଦୀର୍ଘ ୨ ବର୍ଷ ହେବ ଧରିତ୍ରୀରେ ବାରମ୍ବାର ଖବର ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ମାନବ ଅଧିକାର କର୍ମୀ ସାଗର ଜେନା ଧରିତ୍ରୀରେ ଗତ ଜୁନ ୨୨ତାରିଖରେ ପ୍ରକାଶ ପାଇଥିବା ଖବର ଉପରେ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନର ଏହାକୁ ଗୁରୁତର ସହ ଗ୍ରହଣ କରି ଗଣଶିକ୍ଷା ବିଭାଗର ଶାସନ ସଚିବଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଅଚାନକ ଏହି ବିଦ୍ୟାଳୟ ଗସ୍ତ କରିବା ପରେ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବହୁ ପ୍ରତୀକ୍ଷାର ଅନ୍ତ ପରେ ଶନିବାର ସମ୍ପୃକ୍ତ ବିଦ୍ୟାଳୟରେ ଟେଣ୍ଡର ନେଇଥିବା ଠିକା ସଂସ୍ଥା ପ୍ରଥମ ପର୍ଯ୍ୟାୟରେ ୬୪ ଯୋଡ଼ା ବେଞ୍ଚ ଡେସ୍କ ପହଞ୍ଚାଇଛି। ପର୍ଯ୍ୟାୟକ୍ରମେ ଛାତ୍ରୀଛାତ୍ରଙ୍କ ପାଇଁ ଆଉ ୨୦ ଯୋଡ଼ା ବେଞ୍ଚ ଡେସ୍କ ଓ ବିଦ୍ୟାଳୟର ଆବଶ୍ୟକ ଅନ୍ୟ ଉପକରଣ ଠିକା ସଂସ୍ଥା ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଥିବା ନେଇ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁ ସୂଚନା ଦେଇଛନ୍ତି। ଦୀର୍ଘଦିନ ପରେ ପାଲ ପକାଇ ତଳେ ବସୁଥିବା ଛାତ୍ରୀଛାତ୍ରଙ୍କୁ ଆଶ୍ୱସ୍ତି ମିଳିଥିବା ବେଳେ ଅଭିଭାବକ ମହଲରେ ଆନନ୍ଦ ଦେଖାଦେଇଛି। ଏଥିପାଇଁ ଜିଲାପାଳ ପ୍ରଧାନ, ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗଙ୍କ ସମେତ ପରିଚାଳନା କମିଟି ସଦସ୍ୟ କର ଓ ମାନବ ଅଧିକାର କର୍ମୀ ଜେନାଙ୍କୁ ଅଭିଭାବକ ପକ୍ଷରୁ କୃଷ୍ଣଚନ୍ଦ୍ର ସାହୁ, ଯୋଗାନନ୍ଦ ମହାନ୍ତି, ଧରଣୀଧର ପ୍ରଧାନ, ଯଶୋବନ୍ତ ପ୍ରଧାନ, ସ୍ୱର୍ଣ୍ଣଲତା ରାଉତ ଓ ସଙ୍ଗୀତା ଦାସ ପ୍ରମୁଖ ସାଧୁବାଦ ଜଣାଇଛନ୍ତି।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ

## ସଂକ୍ଷେପରେ

### ୨ ଟ୍ରକ୍ ଚାଳକଙ୍କୁ ମାଡ଼ମାରି ଲୁଟ୍

ଛତ୍ରପୁର,୨୦।୧୦ (ଦିଲ୍ଲୀପ ସାମଲ)

ଚମାଖଣ୍ଡି ଥାନା ଅଧୀନ ମାଟିଖାଲ ବ୍ୟାଘ୍ରଦେବୀ ମନ୍ଦିର ରାସ୍ତାରେ ଶନିବାର ବିଳମ୍ବିତ ରାତିରେ ୨ ଟ୍ରକ୍ ଚାଳକଙ୍କୁ ଦୁର୍ବୃତ୍ତ ମାଡିମାରି ଗାଡି କାଚ ଭାଙ୍ଗି ସେମାନଙ୍କଠାରୁ ମୋବାଇଲ ଫୋନ ଓ ଟଙ୍କା ଲୁଟି ନେଇଛନ୍ତି। ଟ୍ରକ ୨ଟି ତାଳଚେରରୁ ଆଇରନ ନେଇ ଗୋପାଳପୁର ପୋର୍ଟ ଆସୁଥିବା ବେଳେ ମାଟିଖାଲ ନିକଟରେ କେତେଜଣ ଦୁର୍ବୃତ ଗାଡିକୁ ଅଟକାଇ ଏଭଳି କାଣ୍ଡ କରିଛନ୍ତି। ଏ ନେଇ ଟ୍ରକ ଚାଳକ ଥାନାରେ ମୌଖିକ ଭାବେ କହିଥିବା ବେଳେ ଏତଲା ଦେଇ ନ ଥିବା ଥାନା ଅଧିକାରୀ କହିଛନ୍ତି। ତଥାପି ଘଟଣାର ତଦନ୍ତ କରାଯାଉଛି।

### ଆର୍‌ଏସ୍‌ଏସ୍ ପକ୍ଷରୁ ରକ୍ତଦାନ ଶିବିର

ଦିଗପହଣ୍ଡି,୨୦।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କୁଶପଡା ପଞ୍ଚାୟତ ପତାଣ୍ଡ ଗ୍ରାମରେ ଶନିବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ରହ୍ମପୁର ରକ୍ତଭଣ୍ଡାରର ଡା.ସୁଜ୍ଞାନୀ ନାୟକ ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଗଞ୍ଜାମ ଜିଲା ସଞ୍ଚାଳକ ଡ.ପ୍ରଶାନ୍ତ କୁମାର ପତି ଯୋଗ ଦେଇଥିଲେ। ପ୍ରଥମେ ଗ୍ରାମବାସୀ ଓ ଯୁବକମାନଙ୍କୁ ନେଇ ଏକ ସଚେତନତା ସଭା ହୋଇଥିଲା। ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ରକ୍ତଦାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶେଷରେ ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଆରଏସଏସ କାର୍ଯ୍ୟକର୍ତ୍ତା ବାବୁଲା ଦୋରା, ଧର୍ମେନ୍ଦ୍ର ଦୋରା, ଗୌତମ ମହାରଣାଙ୍କ ସମେତ ପଞ୍ଚାୟତ ନାଏବ ସରପଞ୍ଚ ଇ. ରାମହରି ଦୋରା, ପତାଣ୍ଡ ଗ୍ରାମର ସ୍ୱୟଂସେବକ ବଳରାମ ଦୋରା, ଧର୍ମେନ୍ଦ୍ର ଦୋରା, ଏସ. ପ୍ରଦୀପ ଦୋରା, ଜଗନ୍ନାଥ ଗୌଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଖବରକାଗଜ ବିତରକଙ୍କୁ ସହାୟତା

ବ୍ରହ୍ମପୁର,୨୦।୧୦(ସ୍ମୃତି ରଞ୍ଜନ ମହାଲିକ)

ଖବରକାଗଜ ବିତରକ ସଂଘର ସଭ୍ୟ ବିଶ୍ୱନାଥ ବେହେରାଙ୍କୁ ହେଲପିଙ୍ଗ୍ ହ୍ୟାଣ୍ଡ ସାମାଜିକ ସଙ୍ଗଠନ ରବିବାର ସହାୟତାର ହାତ ବଢାଇଛି। ବିଶ୍ୱନାଥଙ୍କ ଅଣ୍ଟା ଏକ ଦୁର୍ଘଟଣାରେ ଭାଙ୍ଗି ଯାଇଛି। ଯାହା ଦ୍ୱାରା ସେ ଆଜିକୁ ୨ ମାସ ଧରି ଶଯ୍ୟାଶାୟୀ ଅଛନ୍ତି। ସଂଘ ପକ୍ଷରୁ ସେ ରହୁଥିବା ଜଗଦଳପୁର ଗ୍ରାମକୁ ଯାଇ ତାଙ୍କ ପରିବାରକୁ ଭେଟିବା ସହ ୩ ମାସର ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି। ଏଥିସହ ଔଷଧ ବାବଦକୁ ୧୫୦୦ ଟଙ୍କା କର୍ମକର୍ତ୍ତାମାନେ ଦେଇଛନ୍ତି। ସଙ୍ଗଠନର ସଭାପତି ରାଧାରାଣୀ ପାତ୍ର, ଉପଦେଷ୍ଟା କଳ୍ପନା ନାୟକଙ୍କ ସହ ପି. କ୍ରିଷ୍ଣା, ମନୋଜ ମହାପାତ୍ରଙ୍କ ସହ ଏହି ସମୟରେ ଏଥିସହ ଖବରକାଗଜ ବିତରକ ସଂଘ ସଭାପତି ହରିକୃଷ୍ଣ ସାହୁ, ସମ୍ପାଦକ ସନ୍ତୋଷ ପାଣିଗ୍ରାହୀ,ଏଲ. ରାମ, ଶଙ୍କର ବେହେରା, ଭାଗୀରଥି ବେହେରା, ସଞ୍ଜୟ, ସନ୍ତୋଷ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣ ସରିଛି, କାର୍ଯ୍ୟକ୍ଷମ ହେଉନି ଜଳଯୋଗାଣ ପ୍ରକଳ୍ପ

- ଅସୁବିଧା ଭୋଗୁଛନ୍ତି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ
- ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ବାହାନା କଲେ କନିଷ୍ଠ ଯନ୍ତ୍ରୀ
- ୧କୋଟି ବ୍ୟୟ ହୋଇ ୨ବର୍ଷ ହେଲା ପଡିରହିଛି

ଫିରିଙ୍ଗିଆ,୨୦।୧୦(ବିମଳ ଦିଗାଲ )

ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ବିଭାଗ ପକ୍ଷରୁ ବହୁ ଅର୍ଥ ବ୍ୟୟ କରି ପ୍ରକଳ୍ପମାନ ନିର୍ମାଣ କରୁଛନ୍ତି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ପ୍ରକଳ୍ପଗୁଡିକର କାମ ସମ୍ପୂର୍ଣ୍ଣ ହୋଇସାରିଥିଲେ ମଧ୍ୟ ବର୍ଷ ବର୍ଷ ଧରି କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଯେଉଁ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପଗୁଡିକ ନିର୍ମାଣ ହେଉଛି ତାହା ସଫଳ ହୋଇପାରୁନାହିଁ। ଏଭଳି ଏକ ପ୍ରକଳ୍ପ ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟଠାରେ। ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ପାଣିର ଅଭାବ ଦେଖାଦେବାରୁ ଫୁଲବାଣୀ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପ୍ରାୟ କୋଟିଏ ଟଙ୍କା ବ୍ୟୟ ଅଟକଳରେ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି।



କାର୍ଯ୍ୟକ୍ଷମ ହୋଇ ନ ଥିବା ଜଳପ୍ରକଳ୍ପ।

ଫିରିଙ୍ଗିଆ ସହର ନିକଟସ୍ଥ ଉପରପଡା ବନ୍ଧରେ ପ୍ରକଳ୍ପ ପାଇଁ ଟାଙ୍କି ନିର୍ମାଣ ସହ ପାଣିପମ୍ପ ବସାଯାଇଛି। ବିଦ୍ୟାଳୟ ପର୍ଯ୍ୟନ୍ତ ପାଣି ପାଇପ ମଧ୍ୟ ବିଛା ଯାଇଛି। ତେବେ ପ୍ରକଳ୍ପ କାମ ସରିବାର ପ୍ରାୟ ଦୁଇବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବିଦ୍ୟାଳୟ ପରିସରରେ ରହୁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷରେ ବର୍ଷବର୍ଷ ଧରି ପ୍ରକଳ୍ପଟି କାର୍ଯ୍ୟକ୍ଷମ ନ ହୋଇ ପଡିରହିବା ହେତୁ ଏହା ନଷ୍ଟ ହେବାକୁ ବସିଲାଣି। ପ୍ରକଳ୍ପ ବିଷୟରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଛୋଟରାୟ ମାଝୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ, ପ୍ରକଳ୍ପ କାମ ପ୍ରାୟତଃ ସରିଯାଇଛି। କେବଳ ଜମି ବିବାଦ ରହିଥିବାରୁ ବିଦ୍ୟୁତ୍ ପୋଲ ପୋତା ଯାଇପାରୁନି। ଏଥିପାଇଁ ବିଦ୍ୟୁତ୍ ସଂଯୋଗ ହୋଇପାରୁ ନ ଥିବାରୁ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇପାରୁନାହିଁ। ତେବେ ଖୁବଶୀଘ୍ର ସମସ୍ୟାର ସମାଧାନ କରି ବିଦ୍ୟୁତ୍ ସଂଯୋଗ କରି ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ମାଝୀ କହିଛନ୍ତି।

# ଚାଷଜମିକୁ ପାଣି ଅଭାବ: ନଷ୍ଟ ହେବାକୁ ଲାଗିଲାଣି ଚାଷଜମି



ଶୁଖିଲା ପଡିଥିବା ଚାଷଜମି।

ଛତ୍ରପୁର, ୨୦।୧୦ (ଦିଲୀପ ସାମଲ)

ଚାଷଜମିକୁ ପାଣି ଅଭାବ। ନଷ୍ଟ ହେବାକୁ ଲାଗିଲାଣି ଶହ ଶହ ଏକର ଚାଷଜମି। ଗୋଟାଏ ପଟେ ବର୍ଷାର ଅଭାବ ଅନ୍ୟପଟେ ଚାଷଜମିକୁ ଜଳସେଚନର ଅସୁବିଧା ଯୋଗୁ ତଳିପୋଡି ଚିନ୍ତା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଗଞ୍ଜାମ ଜିଲା ଛତ୍ରପୁର ବ୍ଲକର ଗୋଲାପଲ୍ଲୀ ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଚାଷଜମିକୁ କେନାଲ ଯାଇଛି ଅଥଚ ଜଳସେଚନ ହୋଇପାରିନାହିଁ। କେଉଁଠି ତଳି ପୋଡ଼ିଗଲାଣି ତ ଆଉ କେଉଁଠି ଚାଷ ଜମି ଶୁଖି ଆଁ କଲାଣି। ଜଳସେଚନ ବିଭାଗ ପକ୍ଷରୁ କେନାଲରେ କେବେ ପାଣି ଛଡାଯିବ ତାହାକୁ ଚାହିଁ ରହିଛନ୍ତି ଚାଷୀ। ଯଦି ବର୍ଷା ନ ହୁଏ କିମ୍ବା ଜଳସେଚନ ବିଭାଗ ପକ୍ଷରୁ ପାଣି ବ୍ୟବସ୍ଥା କରା ନ ଯାଏ ତେବେ ନିଶ୍ଚିତ ଖରିଫ ଚାଷରେ କ୍ଷତିଗ୍ରସ୍ତ ହେବେ ଏଥିରେ ସନ୍ଦେହ ନାହିଁ। ସୂଚନାଯୋଗ୍ୟ, ଛତ୍ରପୁର ବ୍ଲକରେ ମୋଟ ୧୫୪୮୧ ହେକ୍ଟର ଚାଷଜମି ରହିଛି। ସେଥିରୁ ୧୧୪୫୪ ହେକ୍ଟର ଜଳସେଚିତ ଜମି ରହିଥିବା ବେଳେ ୪୦୨୭ ହେକ୍ଟର ଅଣଜଳସେଚିତ ଜମି, ୬୯୨୧ ହେକ୍ଟର ଧାନରୁଆ ଜମି, ୩୧୪ ହେକ୍ଟର ବୁଣା ଜମି ରହିଛି।

# ପ୍ରଚାର ପ୍ରସାର, ଭିତ୍ତିଭୂମି ବିକାଶ ଆଣିବ ପର୍ଯ୍ୟଟନ ଶିଳ୍ପର ବିକାଶ

ପାରଳାଖେମୁଣ୍ଡି,୨୦।୧୦
(ଗିରିଧାରୀ ପରିଛା)

ଶିଳ୍ପବିହୀନ ଗଜପତି ଜିଲାରେ ପର୍ଯ୍ୟଟନର ଅଭାବ ନାହିଁ। ଜିଲାରେ ଅନେକ ପର୍ଯ୍ୟଟନ ସ୍ଥଳି ରହିଛି। ସେଥିରୁ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ଓ ଏସିଆର ସର୍ବବୃହତ୍ ବୌଦ୍ଧ ସ୍ତୁପ ପଦ୍ମସମ୍ଭବ ମହାବୀର ସ୍ତୁପ ସହ ଏହା ପାଖରେ ବହୁଛି ଖସଡ଼ା ଜଳପ୍ରପାତ। ଆଧ୍ୟାତ୍ମିକ ବିଚାରର ପେଣ୍ଠସ୍ଥଳ ଭାବେ ପରିଚିତ ମହେନ୍ଦ୍ରଗିରି। ଏହି ପର୍ବତମାଳାର ସମ୍ପର୍କ ମହାଭାରତ ଓ ରାମାୟଣ ସହ ରହିଛି। ଏଠାରେ ଚିରାୟୁ ଅଶ୍ୱତ୍ଥାମା ଓ ଭଗବାନ ପର୍ଶୁରାମ ବାସ କରୁଥିବା ବହୁକାଳରୁ ଲୋକଙ୍କ ବିଶ୍ୱାସ ରହିଛି। ବହୁପୂର୍ବରୁ ଏହି ପର୍ବତ ଉପରେ ୫ଟି ଶିବଲିଙ୍ଗ ପୂଜା ପାଉଛନ୍ତି। ପାଣ୍ଡବମାନେ ବନବାସ ସମୟରେ ଏଠାରେ କିଛି ସମୟ ଅତିବାହିତ କରିବା ସମୟରେ ୫ଟି ଶିବଲିଙ୍ଗ ସ୍ଥାପନ କରି ମହାଦେବଙ୍କୁ ପୂଜାର୍ଚ୍ଚନା କରୁଥିଲେ। କିମ୍ବଦନ୍ତୀ ରହିଛି ଯେ, ସତ୍ୟ ଯୁଗରେ ମହେନ୍ଦ୍ରଗିରି ପର୍ବତରେ ରାମଚନ୍ଦ୍ର ବନବାସ ସମୟରେ କିଛି ସମୟ ଅତିବାହିତ କରିଥିଲେ। ଗବେଷକଙ୍କ ମତରେ ମହେନ୍ଦ୍ରଗିରି ପର୍ବତର ଜଗନ୍ନାଥ ସଂସ୍କୃତି ସହ ମଧ୍ୟ ସମ୍ପର୍କ ରହିଛି। ଯାହା ଗବେଷକ ଭାରତ ପଣ୍ଡା ନିଜ ପୁସ୍ତକ ଯୁଗେଯୁଗେ



ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଏକ ପୁରାତନ ମନ୍ଦିର।

ମହେନ୍ଦ୍ର ବହିରେ ଉଲ୍ଲେଖ କରିଛନ୍ତି। ଗଜପତି ଜିଲାର ଉତ୍ତରରେ ରହିଛି ତିବ୍ବତୀୟଙ୍କ ବିଶାଳ ବୌଦ୍ଧ ସ୍ତୁପ ପଦ୍ମସମ୍ଭ ମହାସମ୍ଭବ ସ୍ତୁପ। ଏସିଆ ମହାଦେଶର ସର୍ବବୃହତ୍ ବୌଦ୍ଧ ସ୍ତୁପ ବୋଦ୍ଧଗୟା ନିକଟରେ ଯେପରି ପାଣ୍ଡୁକି ନଦୀ ରହିଛି, ସେଭଳି ଜିରାଙ୍ଗ ନିକଟରେ ଥିବା ପଦ୍ମସମ୍ଭ ମହାସମ୍ଭବ ବୌଦ୍ଧସ୍ତୁପ ପାଖରେ ଖସଡ଼ା ଜଳପ୍ରପାତ ଶୋଭା ବର୍ଦ୍ଧନ କରୁଛି। ଶରଣାର୍ଥୀ ଭାବେ ଆସି ତିବ୍ବତୀୟମାନେ ୫ଟି କଲୋନିରେ ରହି ଗଜପତି ଜିଲାରେ ନିଜ ଧର୍ମର ଛାପ ସୃଷ୍ଟି କରିଥିଲେ। ଜିଲାରେ ଥିବା ପର୍ଯ୍ୟଟନ ସ୍ଥଳୀର ପ୍ରଚାର ପ୍ରସାର ଓ ଭିତ୍ତିଭୂମିର ଉନ୍ନତି ହୋଇପାରିଲେ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

### ନରେନ୍ଦ୍ରପୁରରେ ଦିବ୍ୟ ଜୀବନ ସଂଘର ସତ୍‌ସଙ୍ଗ

ଛତ୍ରପୁର,୨୦।୧୦( ଦିଲୀପ ସାମଲ)

ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ରଘୁନାଥ ମନ୍ଦିର ପରିସରରେ ଦିବ୍ୟ ଜୀବନ ଶାଖା ତରଫରୁ ଦିନିକିଆ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୈନନ୍ଦିନ ଜୀବନରେ କିପରି ଭାବେ ସୌଭାଗ୍ୟ ପ୍ରାପ୍ତି ହେବ ସେ ସମ୍ପର୍କରେ ସ୍ୱାମୀଜୀମାନେ ଜ୍ଞାନ ଓ ଆଶୀର୍ବାଦ ପ୍ରଦାନ କରିଥିଲେ। ସ୍ୱାମୀ ଶରଣା ନନ୍ଦ ସରସ୍ୱତୀ, ସ୍ୱାମୀ ଗୋବିନ୍ଦା ନନ୍ଦ ସରସ୍ୱତୀ, ଶ୍ରୀଧର ଭାଇ ଉପସ୍ଥିତ ରହିଥିଲେ। ନରେନ୍ଦ୍ରପୁର ଶାଖାର ସଭାପତି ମନୋଜ କୁମାର ସାହୁ, ପି. ଜଗନ୍ନାଥ ରେଡି, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାର୍ଯ୍ୟକ୍ଷମ ହୋଇପାରୁନି ବର୍ଜ୍ୟବସ୍ତୁ ପ୍ଲାଣ୍ଟ

**ବିଦ୍ୟୁତ୍ ଯୋଗାଣରେ ପ୍ରଶାସନର ଅବହେଳା**

ଶେରଗଡ଼,୨୦।୧୦(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ପଞ୍ଚାୟତର ବଡ ଗ୍ରାମ ହେଉଛି ଶେରଗଡ଼। ପାଖାପାଖି ୨୦ରୁ ଅଧିକ ସାହି ପଞ୍ଚାୟତରେ ରହିଛି। ପଞ୍ଚାୟତକୁ ସଫାସୁତୁରା ରଖିବାକୁ ସଫେଇବାଲା ଅଛନ୍ତି। ପ୍ରତିଦିନ ମଇଳା ଗାଡି ଜରିଆରେ ସଫା ହେଉଛି। ବାହାରୁଥିବା ଉକ୍ତ ମଇଳାଗୁଡିକ ହାଟବନ୍ଧ ହୁଡାରେ ପକାଯାଉଛି। ଫଳରେ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବ୍ଲକ ପକ୍ଷରୁ ବର୍ଜ୍ୟବସ୍ତୁଗୁଡିକ ପକାଇ ନଷ୍ଟ କରିବା ପାଇଁ ରାମଗିରି ଗ୍ରାମର ଅନତି ଦୂରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ବର୍ଜ୍ୟବସ୍ତୁ ପ୍ଲାଣ୍ଟ ନିର୍ମାଣ ହୋଇଥିଲା। ମାତ୍ର ପ୍ରଶାସନର ଅପାରଗତା ଯୋଗୁ ସେହି ପ୍ଲାଣ୍ଟରେ ଏଯାଏ ବିଦ୍ୟୁତ ସଂଯୋଗ ହୋଇନାହିଁ। ଫଳରେ ଏହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ହାଟବନ୍ଧ ହୁଡାରେ ସେମିତି ମଇଳା ଆବର୍ଜନା ଗଦା ହୋଇ ରହୁଛି। ଅନ୍ୟପକ୍ଷରେ ବର୍ଜ୍ୟବସ୍ତୁ ପ୍ଲାଣ୍ଟ ଚାରିପଟେ ଘାସ ବିଭିନ୍ନ ପ୍ରକାର ଗଛ ବଢି ଜଙ୍ଗଲ ହେଲାଣି। ଜିଲା ପ୍ରଶାସନ ତୁରନ୍ତ ଉକ୍ତ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରିବା ଲାଗି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଚୋରି ବାଇକ୍, ସ୍କୁଟି ଜବତ, ଯୁବକ ଗିରଫ

ଖଲ୍ଲିକୋଟ,୨୦।୧୦
(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ପୋଲିସ ଚଢ଼ାଉ କରି ଗୋଟିଏ ଚୋରି ବାଇକ୍ ଓ ସ୍କୁଟି ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ବଧିନୂଆଁପଲ୍ଲୀ ଗ୍ରାମର ଦେବାଶିଷ ସ୍ୱାଇଁ। ଖଲ୍ଲିକୋଟ ଥାନା ଅଞ୍ଚଳରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ଯୁବକ ଏକ ଚୋରି ବାଇକ୍ ନେଇ ତୋଟା ଗାଁ ଅଭିମୁଖେ ଯାଉଥିବା ସୂଚନା ପାଇ ତୋଟା ଗାଁ ନିକଟରେ ତାଙ୍କୁ ଅଟକାଇ ପୋଲିସ ପଚରାଉଚରା କରିଥିଲା। ଦେବାଶିଷ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ପୋଲିସ ବାଇକ୍‌କୁ ଜବତ କରି ତାଙ୍କୁ ଗିରଫ କରିଥିଲା। ଥାନାରେ ଦେବାଶିଷଙ୍କୁ ଅଧିକ ପଚରା ଉଚରା କରିବା ପରେ ତାଙ୍କଠାରୁ ଆଉ ଗୋଟିଏ ସ୍କୁଟି ଜବତ କରିବାରେ ପୋଲିସ ସଫଳ ହୋଇଛି। ନଂ. ୮୪୭/୨୦୨୪ରେ ଏକ ମାମଲା ରୁଜୁ ହୋଇଛି। ଦେବାଶିଷଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ନରେଶ ସାହୁ କହିଛନ୍ତି।

# ଶିକ୍ଷକ ବାଣ୍ଟିଲେ ଛବିଳ ମଧୁ ବର୍ଣ୍ଣବୋଧ

ଫୁଲବାଣୀ,୨୦।୧୦
(ରାକେଶ କୁମାର ରାଉତ)

ପ୍ରାଥମିକସ୍ତରରେ ଓଡ଼ିଆ ଭାଷାର ମୌଳିକ ବିକାଶ ବୃଦ୍ଧି ନିମନ୍ତେ କଟକ ଜିଲା ବାଙ୍କୀ ବ୍ଲକର ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସାହୁ ପୁସ୍ତକ ବଣ୍ଟନ ଅଭିଯାନ ଆରମ୍ଭ କରିଛନ୍ତି। ଶନିବାର କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରୁ ଏହା ଆରମ୍ଭ ହୋଇଛି। ଶିକ୍ଷକ ସାହୁ ନିଜସ୍ୱ ଖର୍ଚ୍ଚରେ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ କରୁଥିବା ବେଳେ ଜିଲାର କରଣ୍ଡାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ପୁସ୍ତକ ବଣ୍ଟନର ଶୁଭାରମ୍ଭ ହୋଇଛି। ବରିଷ୍ଠ ଶିକ୍ଷକ ସୀମାଞ୍ଚଳ ମୁଖିଙ୍କ ତତ୍ତ୍ୱାବଧାନରେ କରଣ୍ଡାଗଡ଼



ପୁସ୍ତକ ପାଇଥିବା ଛାତ୍ରୀଛାତ୍ର।

ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବନ୍ଧଗଡ଼ ପ୍ରାଥମିକ ବିଦ୍ୟାଳୟ, ପୋଡ଼ାପଡ଼ା ପ୍ରାଥମିକ ବିଦ୍ୟାଳୟ ଏବଂ ରତଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଏହି ବହି ବଣ୍ଟାଯାଇଛି। ଆଗାମୀ ଦିନରେ ଫିରିଙ୍ଗିଆ ବ୍ଲକର ସମସ୍ତ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଏହି ବହି ପ୍ରଦାନ କରାଯିବ ବୋଲି ଦାୟିତ୍ୱରେ ଥିବା ଶିକ୍ଷକ ମୁଖୀ ପ୍ରକାଶ କରିଛନ୍ତି।

# ରାଶିଚାଷ କ୍ଷେତ ଦିବସ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ଚାଷୀଙ୍କୁ ସଚେତନ କରାଯାଉଛି।

ଭଞ୍ଜନଗର,୨୦।୧୦(ବାବୁଲା ପ୍ରଧାନ)

ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶନିବାର ଜଗନ୍ନାଥପ୍ରସାଦ ବ୍ଲକ ଯାତରା ଗ୍ରାମର ବିନୋଦ ବିହାରୀ ପଟ୍ଟନାୟକଙ୍କ ଜମିରେ ଖରିଫ ରାଶି ଚାଷ କ୍ଷେତ ଦିବସ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଇକ୍ରିସାଟ ଏବଂ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଇକ୍ରିସାଟର ପରାମର୍ଶଦାତା ଡ. ସଂଗ୍ରାମ କେଶରୀ ସ୍ୱାଇଁ, ଆଞ୍ଚଳିକ ପରାମର୍ଶଦାତା ରାମ ବିକାଶ ବର୍ମା, ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ଇଞ୍ଜିନିୟର ଡ. ସୂଚୀସ୍ମିତା, ବିଶ୍ୱଜିତ୍ ପାଟଯୋଷୀ, ସିଦ୍ଧାର୍ଥ ଶଙ୍କର ବରାଳ, ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ ସ୍ୱାତୀ ସ୍ୱୟଂପ୍ରଭା ପ୍ରଧାନ, ଅନିତା ପାତ୍ର, ଜଗନ୍ନାଥ ପ୍ରସାଦ ଗୋଷ୍ଠୀ କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରାଶି ଚାଷ ସମ୍ପର୍କରେ କହିଥିଲେ। ଚଳିତବର୍ଷ ପରୀକ୍ଷା ମୂଳକ ଭାବେ ୭ଟି ଗ୍ରାମର ୧୭୦ ଜଣ ଚାଷୀଙ୍କୁ ନେଇ ୩ କିସମର ରାଶି ଚାଷ କରାଯାଇଛି। ଆଗାମୀ ଦିନରେ ଅଧିକ ଚାଷୀ କିଭଳି ରାଶି ଚାଷ କରିବେ ସେନେଇ ସଚେତନ କରାଯାଇଥିଲା।

# ଛାତ୍ରୀଙ୍କ କାମରେ ଲାଗୁନି ଛାତ୍ରୀ ନିବାସ

**ଆଦର୍ଶ ବିଦ୍ୟାଳୟ**

- ତୁରନ୍ତ ଛାତ୍ରୀ ନିବାସ ନ ଖୋଲିଲେ ଧାରଣା ଦେବୁ
- ଭିତ୍ତିପ୍ରସ୍ତରରେ ସୀମିତ ରହିଛି ଛାତ୍ରାବାସ

ଚକାପାଦ,୨୦।୧୦
(ପ୍ରତାପ କିଶୋର ବେହେରା)

କନ୍ଧମାଳ ଜିଲାରେ ଶିକ୍ଷାର ବିକାଶ ପାଇଁ ୨୦୧୬ରେ ସରକାର ପକ୍ଷରୁ ଚକାପାଦ ବ୍ଲକ୍‌ରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ବର୍ତ୍ତମାନ ଏହି ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ପର୍ଯ୍ୟନ୍ତ ୭୧ ଛାତ୍ରୀ ଓ ୮୨ ଛାତ୍ର ଏପରି ମୋଟ ୧୫୩ ଜଣ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟଟି ଏପରି ଏକ ସ୍ଥାନରେ ରହିଛି ଯେ ଗମନାଗମନର ବିଶେଷ ସୁବିଧା ନାହିଁ। ପିଲାମାନେ ୪୦କି.ମି. ବସ୍ ଯୋଗେ ଯାତାୟାତ କରି ପାଠ ପଢିଥାନ୍ତି। ମୁଖ୍ୟ ସଡକଠାରୁ ବିଦ୍ୟାଳୟକୁ ଅଟୋରେ ଯାଇଥାନ୍ତି। ଅଧିକାଂଶ ପିଲା ଘରୁ ସକାଳ ୭ଟାରେ ବାହାରି ବିଦ୍ୟାଳୟକୁ




ନିର୍ମାଣ ସରି ବନ୍ଦ ଥିବା ଛାତ୍ରୀ ନିବାସ।

ଛୁଟି ପରେ ପୁଣି ଘରେ ପହଞ୍ଚିବା ବେଳକୁ ସନ୍ଧ୍ୟା ୬ଟା ହୋଇଯାଏ। ୨୦୨୨ରେ ୧୦୦ଜଣଙ୍କ ପାଇଁ ଛାତ୍ରୀ ନିବାସ ନିର୍ମାଣ ହୋଇ ସରିଥିବାବେଳେ ଏହାକୁ ଏପର୍ଯ୍ୟନ୍ତ ଖୋଲାଯାଇନାହିଁ। ସେହିପରି ୨୦୨୩ରେ ୧୦୦ ଜଣ ଛାତ୍ରଙ୍କ ପାଇଁ ଛାତ୍ରାବାସ ନିର୍ମାଣ ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏ ଦିଗରେ କାର୍ଯ୍ୟ ଆଗଉନାହିଁ। ଏ ପର୍ଯ୍ୟନ୍ତ ଛାତ୍ରାବାସ ପାଇଁ ଜମି ଅଧିଗ୍ରହଣ ହୋଇପାରୁ ନ ଥିବା ବିଦ୍ୟାଳୟ ଅଧକ୍ଷ ଶ୍ରୀକାନ୍ତ ଖମାରୀ କହିଛନ୍ତ। ବ୍ଲକ୍ ପ୍ରଶାସନ କିମ୍ବା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି। ପ୍ରଶାସନ ନ ଶୁଣିଲେ ସେମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ମତ୍ସ୍ୟଜୀବୀଙ୍କ ସମସ୍ୟା କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇବ ସଙ୍ଗଠନ

**କେନ୍ଦ୍ରୀୟ ମତ୍ସ୍ୟଜୀବୀ ସଙ୍ଗଠନର ସଭା**

ରମ୍ଭା,୨୦।୧୦(ବନବାସୀ ସେଠୀ)

ଓଡ଼ିଶା ପାରମ୍ପରିକ ସମୁଦ୍ର, ଚିଲିକା ହ୍ରଦ, ନଦୀ ଓ ନାଳ ମତ୍ସ୍ୟଜୀବୀ ସଙ୍ଗଠନ ପକ୍ଷରୁ ଏକ ସଚେତନତା ସଭା ଆର୍ଯ୍ୟପାଲି ସମୁଦ୍ରକୂଳଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କେନ୍ଦ୍ରୀୟ ମତ୍ସ୍ୟଜୀବୀ ସଙ୍ଗଠନର ମୁଖ୍ୟ ବି.ରାମକୃଷ୍ଣ ଭେଲୁ, ରାଜ୍ୟ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଲକ୍ଷ୍ମଣ ଦାସ, ଜିଲା ସମ୍ପାଦକ ଅର୍ଜୁନ ବେହେରା ଓ ଗ୍ରାମ ମୁଖିଆ ଅତିଥି ରୂପେ ଉପସ୍ଥିତ ରହି ମତ୍ସ୍ୟଜୀବୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆର୍ଯ୍ୟପଲି ସମୁଦ୍ରକୂଳ ଅବକ୍ଷୟ ଡ୍ରେଜିଂ ସୁବିଧା, ସାମୁଦ୍ରିକ ବେନ୍ ସମୟରେ ରାଶନ କାର୍ଡ ସମସ୍ୟାରୁ ସହାୟତା ରାଶିରୁ ବଞ୍ଚିତ, ପାଣିପାଗ ସମସ୍ୟା ଯୋଗୁ ୭ମାସ ମାଛଧରା ବନ୍ଦ ହେଉଥିବାରୁ ଉପୁଜୁଥିବା ଅସୁବିଧା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇବା ସମ୍ପର୍କରେ ଉପସ୍ଥିତ ସଙ୍ଗଠନର କର୍ମକର୍ତ୍ତାମାନଙ୍କ ନିକଟରେ ଦାବି କରାଯାଇଥିଲା। ଅତିଥି ବେହେରା ନଦୀ ସମୁଦ୍ରରେ ମାଛ ପରିମାଣ କମିବାରୁ ଦାଦନ ସଂଖ୍ୟା ବୃଦ୍ଧି ପାଇବା, ଚିଲିକାରେ ଜିରୋ ମାଢ଼ି ଭିଡ଼ ଜାଲ ପ୍ରଚଳନ ବନ୍ଦ କରିବା, ମତ୍ସ୍ୟ ସୈରତାର ଲିଜ୍ ଏଗ୍ରିମେଣ୍ଟ ପ୍ରଚଳନ କରିବା, ଦୁର୍ଘଟଣାରେ ଗୁରୁତର ଆହତ ମତ୍ସ୍ୟଜୀବୀଙ୍କୁ ପ୍ରୋତ୍ସାହନ ଅର୍ଥ ରାଶି ଦେବା, କେରଳରେ ଜନମଙ୍ଗଳବୋର୍ଡ ଜରିଆରେ ମତ୍ସ୍ୟଜୀବୀ ଯେପରି ଭତ୍ତା ପାଉଛନ୍ତି ତାହା ଓଡ଼ିଶାରେ ଲାଗୁ କରିବା



ସଚେତନତା ସଭାରେ ଉପସ୍ଥିତ ଅତିଥି ଓ ମତ୍ସ୍ୟଜୀବୀ।

ଏବଂ ମତ୍ସ୍ୟଜୀବୀଙ୍କୁ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବା ବିଷୟରେ ନେଇ କେନ୍ଦ୍ରୀୟ ମତ୍ସ୍ୟଜୀବୀ ସଙ୍ଗଠନର ମୁଖ୍ୟଙ୍କୁ ଅବଗତ କରାଇଥିଲେ। କେନ୍ଦ୍ରୀୟ ସଙ୍ଗଠନର ମୁଖ୍ୟ ଭେଲୁ ସବୁ ସମସ୍ୟା ଶୁଣି ଏହା ସେ ନିଶ୍ଚିତ କେନ୍ଦ୍ର ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ୨୦୦୦ ଟଙ୍କା ସହାୟତା ରାଶି ଦିଆଯାଉଛି। ଏଥିସହ ସେ ଡ୍ରେଜିଂସୁବିଧା, ପ୍ରଧାନମନ୍ତ୍ରୀଙ୍କ ମତ୍ସ୍ୟ ସମ୍ପଦ ଯୋଜନାର ଲାଭ ସମ୍ପର୍କରେ ସୂଚନା ଦେଇଥିଲେ। ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଦାସ ପ୍ରାକୃତିକ ମୃତ୍ୟୁ ପାଇଁ ମତ୍ସ୍ୟଜୀବୀଙ୍କୁ ୨ ଲକ୍ଷ ଟଙ୍କା ସହାୟତା ରାଶି ପାଇବା ନେଇ ସୁବିଧା, ଶ୍ରମ କାର୍ଡ ମାଧ୍ୟମରେ ମଜୁରିଆ, ଦିନ ମଜୁରିଆ, କୋଠାବାଡ଼ି କୁଶଳୀ କାରିଗର, ଅଣକୁଶଳୀ ଶ୍ରମିକଙ୍କ ପାଇଁ ସୁବିଧା କରାଯିବ ବୋଲି କହିଥିଲେ। ସମୁଦ୍ରକୂଳ ସାଗର ମିତ୍ରମାନେ ସେମାନଙ୍କ ଦରମା ବୃଦ୍ଧି ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଅର୍ଜୁନ ବେହେରା ସଭା ପରିଚାଳନା କରିଥିଲେ। ଗ୍ରାମ ସଭାପତି, ସମିତି ସଭାପତି ଯଥା ଏ.ଲୋକନାଥ ରାଓ, ଜଗନ୍ନାଥ ଓ ଶତାଧିକ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୭୦୦ଲିଟର ମଦ ଜବତ, ୨ ଗିରଫ

ଯାଜପୁରରୋଡ୍,୨୦।୧୦(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁରରୋଡ୍ ପୋଲିସ ୭୦୦ ଲିଟର ଦେଶୀମଦ ସହ ଏକ ଅଟୋ ଜବତ କରିଛି। ଏଥିସହିତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁରରୋଡ୍ ସାପଗାଡ଼ିଆ ବଙ୍ଗାଳି ସାହିର ମନୋଜ ରାଉତ (୩୨) ଓ ରମ୍ପାସ ଅଞ୍ଚଳର ଭାନୁ ଯାଦବ(୪୫)। ପୋଲିସ ପକ୍ଷରୁ ଶନିବାର ସକାଳେ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ଏକ ଡାଲା ଅଟୋ ନଂ. ଓଡି୩୪ଏସ୧୭୫୬ରେ ଏହି ଦେଶୀ ମଦ ବିକ୍ରି ପାଇଁ ଯାଉଥିଲା। ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ଏନେଇ ମାମଲା ନଂ.୬୧୮/୨୪ ରୁଜୁ ହୋଇଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଯାଜପୁରରୋଡ୍ ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ହେଉଛି। ହେଲେ ଅବକାରୀ ବିଭାଗ କିପରି ଜାଣିପାରୁନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ବାଲି ଗାଡ଼ି ଅଟକାଇଲେ ଗ୍ରାମବାସୀ

ପାଣିକୋଇଲି,୨୦।୧୦(ବିକାଶ ମଲ୍ଲିକ): ଦିନକୁ ଦିନ ବାଲି ଚୋରାଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଘାଟ ମାଲିକମାନେ ବେପିକାର ହୋଇ ଚୋରାଚାଲାଣ ଜାରି ରଖିଛନ୍ତି। ଭାରୀଯାନରେ ବାଲି ଚାଲାଣ ଯୋଗୁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଘଟୁଛି। ଭାରୀଯାନ ଚଳାଚଳ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଯାହାର ପ୍ରତିଫଳନ ଶନିବାର ରାତିରେ ଦେଖିବାକୁ ମିଳିଛି। ସ୍ଥାନୀୟ ଅଧିବାସୀ ସଠିପୁର ବରୁଣ୍ଡାଇ ରାସ୍ତାର ରାଣୀଗୋଡ଼ା ନିକଟରେ ବାଲି ଗାଡ଼ି ଅଟକାଇ ପ୍ରତିବାଦ କରିଛନ୍ତି। ଯଦି ଏହି ପ୍ରକ୍ରିୟା ଜାରି ରୁହେ ତା'ହେଲ ବାଲି ଗାଡ଼ି ଚଳାଚଳ ବନ୍ଦ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ପୋଲିସକୁ ଦିଶିଲାନି ଡ୍ରିଲିଂ, ସନ୍ଧ୍ୟାରେ ବ୍ଲାଷ୍ଟିଂ

## ଧର୍ମଶାଳା ବରଡ଼ା ମୌଜାରେ କଳାପଥର ଲୁଟ

ଯାଜପୁର,୨୦।୧୦ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଡଙ୍କାରୀ ଓ ବରଡ଼ା ମୌଜାର ବିଭିନ୍ନ କଳାପଥର ଖାଦାନ ଉପରେ ଜେନାପୁର ଥାନା ପୋଲିସ ରବିବାର ଚଢ଼ାଉ କରିଛି। ହେଲେ ପୋଲିସ ସେଠାରୁ ଫେରି ଆସିବା ପରେ ଜଣେ କଳାପଥର ବ୍ୟବସାୟୀ ସନ୍ଧ୍ୟାରେ ଖାଦାନରେ ବିସ୍ଫୋରଣ ଘଟାଇ ବିପୁଳ କଳାପଥର ଉତ୍ତୋଳନ କରିଥିବା ଜଣାପଡ଼ିଛି। ତେବେ ପୋଲିସ କର୍ମଚାରୀ କଳାପଥର ବ୍ୟବସାୟୀଙ୍କୁ ଆଗୁଆ ସୂଚନା ଦେଇ ଏଭଳି କାରବାର କରିଥିବା ସେଠାରେ ଚର୍ଚ୍ଚା ହେଉଛି।

ଜିଲାର ବେଆଇନ କଳାପଥର ଖାଦାନଗୁଡିକ ଉପରେ ଗୁରୁବାର ଲଘୁ ଖଣି ବିଭାଗ, ପୋଲିସ ଓ ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ଏଥିରେ ଡଙ୍କାରୀ ପାହାଡ଼ର ସୈରାତ ନମ୍ବର ୨/୩ ପାଦଦେଶ ଏବଂ ବରଡ଼ା, ମାଳଗୋଡ଼ା ମୌଜା ଅଞ୍ଚଳରେ ଏକାଧିକ ବେଆଇନ ଖାଦାନ ଚାଲିଥିବା ଉକ୍ତ ଚଢ଼ାଉରୁ ଜଣାପଡ଼ିଥିଲା। ଏହାପରେ ଲଘୁ ଖଣି ବିଭାଗ ପକ୍ଷରୁ ପୋଲିସ ସହାୟତାରେ ବେଆଇନ ଖାଦାନଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହିକ୍ରମରେ ରବିବାର ବରଡ଼ା ମୌଜା ଅଞ୍ଚଳରେ ରଙ୍ଗା ନାମକ ଜଣେ କଳାପଥର ବ୍ୟବସାୟୀ


ବରଡ଼ା ମୌଜାରେ ଥିବା କଳାପଥର ଖାଦାନ।

ବ୍ଲାଷ୍ଟିଂ କରିବା ପୂର୍ବରୁ କମ୍ପ୍ରେସର ମେଶିନ ଦ୍ୱାରା ଡ୍ରିଲିଂ କରୁଥିବା ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ(ଡିଡିଏମ୍) ସୂଚନା ପାଇଥିଲେ। ତୁରନ୍ତ ଡିଡିଏମ୍ ଜେନାପୁର ଥାନା ପୋଲିସକୁ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଖଣି, ଜଙ୍ଗଲ, ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଚଢାଉ ନ କରାଯାଇ ପୋଲିସ ସଦଳବଳ ବେଆଇନ ଖାଦାନ ଅଞ୍ଚଳକୁ ଯାଇଥିଲା। ଏହି ସମୟରେ କଳାପଥର ବ୍ୟବସାୟୀ କୌଣସି ସୂତ୍ରରୁ ଆଗୁଆ ସୂଚନା ପାଇ କମ୍ପ୍ରେସର ମେଶିନ ଓ ଅନ୍ୟାନ୍ୟ ବ୍ଲାଷ୍ଟିଂ ସାମଗ୍ରୀକୁ ଖାଦାନ ଅଞ୍ଚଳରୁ ନେଇଯାଇଥିଲେ। ପୋଲିସ ସେଠାରେ ପହଞ୍ଚିଲାବେଳକୁ କିଛି ନ ଥିଲା। କିନ୍ତୁ ବ୍ୟବସାୟୀ ଜଣକ ବ୍ଲାଷ୍ଟିଂ କରିବା ପୂର୍ବରୁ ଡ୍ରିଲିଂ(ଗାତ ଖୋଳିବା) ତଥା ଅନ୍ୟାନ୍ୟ ସମସ୍ତ ପ୍ରକ୍ରିୟା ସମ୍ପନ୍ନ କରିଥିଲେ। ପୋଲିସକୁ କିନ୍ତୁ ତାହା ଦେଖା ଯାଇ ନଥିଲା। ସେଠାରୁ କିଛି ନ ଜାଣିଲା ଭଳି ପୋଲିସ ଫେରି ଆସି ଡିଡିଏମ୍‌ଙ୍କୁ କୌଣସି ବେଆଇନ ଖାଦାନ ଚାଲି ନ ଥିବା ସୂଚନା ଦେଇଥିଲା। ଏହାରି ସୁଯୋଗରେ କଳାପଥର ବ୍ୟବସାୟୀ ସେଠାରେ ସନ୍ଧ୍ୟାରେ ବ୍ଲାଷ୍ଟିଂ କରି ପ୍ରାୟ ୭୫ ଲକ୍ଷ ଟଙ୍କାର ୩୦ ହଜାର ଟନ କଳାପଥର ଉତ୍ତୋଳନ କରିଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ଠାରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ, ବରଡ଼ା ମୌଜାର ମାଳଗୋଡ଼ାର ୨ଟି ଖାଦାନରୁ କଳାପଥର ଉତ୍ତୋଳନ ପାଇଁ ପ୍ରକାଶ ନାୟକ ନାମକ ଜଣେ ଲିଜ୍‌ଧାରୀଙ୍କୁ ୩ ମାସ ପର୍ଯ୍ୟନ୍ତ କ୍ଷଣସ୍ଥାୟୀ ଅନୁମତି ମିଳିଥିଲା। ଇତିମଧ୍ୟରେ ଉକ୍ତ ଅନୁମତି ସମୟ ସରି ଯାଇଥିବାବେଳେ ବିଭାଗ ପକ୍ଷରୁ ଆଉ ଟ୍ରାନ୍‌ଜିଟ ପାସ(ଟିପି) ପ୍ରଦାନ କରାଯାଉ ନାହିଁ। ତଥାପି ବରଡ଼ା ମୌଜାର ମାଲଗୋଡା ଖାଦାନରୁ ଅହରହ ବିପୁଳ କୋଟି ଟଙ୍କାର କଳାପଥର ଲୁଟ୍ ହେଉଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ବିଭାଗର ଉପ ନିର୍ଦ୍ଦେଶକ(ଡିଡିଏମ୍) ଜୟ ପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ବରଡ଼ା ମୌଜାରେ ଡ୍ରିଲିଂ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜେନାପୁର ଥାନା ପୋଲିସକୁ ଖବର ଦେଇଥିଲେ। ବ୍ଲାଷ୍ଟିଂ ହୋଇଥିବା ସୂଚନା ଉପରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଜେନାପୁର ଥାନା ଆଇଆଇସି ଶୁଭେନ୍ଦୁ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ବେଆଇନ କଳାପଥର ଖାଦାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଖଣି ବିଭାଗର କାମ। ଖଣି ବିଭାଗ ପକ୍ଷରୁ ଅଭିଯୋଗ ହେଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାହୁ କହିଛନ୍ତି।

# ଗଛ ଡାଳ ଲାଗି ଅଟକିଲା ଟ୍ରକ୍

କାଏମା,୨୦।୧୦(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାଠାରୁ କାଏମା ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତାର ଅଚ୍ୟୁତପୁର ଛକ ନିକଟରେ ରବିବାର ଏକ ଟ୍ରକ୍ ଯାଉଥିବାବେଳେ ରାସ୍ତା ଉପରେ ଥିବା ଗଛ ଡାଳରେ ଲାଗି ଅଟକିଯାଇଛି। ଏହି ସମୟରେ ଟ୍ରକ ପଛରେ ଅନେକ ବାଇକ ଓ ସାଇକେଲ ଆରୋହୀ ଆସୁଥିଲେ ମଧ୍ୟ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ସମସ୍ତେ ବର୍ତ୍ତି ଯାଇଛନ୍ତି। ଏହି ରାସ୍ତା ଉପରେ ଦୈନନ୍ଦିନ ଶହଶହ ଲୋକ ଯାତାୟାତ କରୁଛନ୍ତି। ମାତ୍ର ରାସ୍ତା ଉପରେ ଅନେକ ବଡ଼ ଗଛର ଡାଳ ସୋଇ ରହିଛି। ହେଲେ ପ୍ରଶାସନ ପକ୍ଷରୁ କୌଣସି ଦୃଷ୍ଟି ଦିଆ ଯାଉ ନଥିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ସେହିପରି ରାସ୍ତା ଉପରେ ବୁଲା ଗୋରୁ ଶୋଇ ରହୁଛନ୍ତି। ରାସ୍ତା ମଝିରେ ଅନେକ ଗାତ ସୃଷ୍ଟି ହୋଇଛି। ଫଳରେ ଅନେକ ସମୟରେ ଦୁର୍ଘଟଣା ହେଉଥିବା ଅଭିଯୋଗ ହୋଇଛି। ରାସ୍ତାରେ ସକାଳ ସମୟରେ ସ୍କୁଲ୍, କଲେଜ ପିଲାଙ୍କ ବେଶ ଭିଡ଼ ଦେଖିବାକୁ ମିଳୁଛି। ତେଣୁ କାର ଓ ଅନ୍ୟ ଭାରିଯାନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଜାରକାଠାରୁ କାଏମାର ଦୂରତ୍ୱ ୪ରୁ ୫କିଲୋମିଟର ହୋଇଥିଲେ ସୁଦ୍ଧା ସକାଳ ଓ ସନ୍ଧ୍ୟାରେ ଏହି ରାସ୍ତାରେ ଯାତାୟାତ ପାଇଁ ଅଧିକ ସମୟ ଲାଗୁଛି। ପ୍ରଶାସନ ପକ୍ଷରୁ ଏହି ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଅର୍ଥମଞ୍ଜୁର କରାଯାଇଥିଲେ ବି କାର୍ଯ୍ୟ ଆରମ୍ଭ ହେଉନାହିଁ। ଫଳରେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ପ୍ରଶାସନ ଶୀଘ୍ର ଏହି ରାସ୍ତା କାର୍ଯ୍ୟ କରିବାକୁ ଦାବି ହୋଇଛି।


ଗଛ ଡାଳ ଲାଗି ଟ୍ରକ୍ ଅଟକି ଯାଇଛି।

# ପୁରୁଣା କୋଠା ନ ଭାଙ୍ଗିବାକୁ ଜିଲାପାଳଙ୍କୁ ଅନୁରୋଧ


ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା କୋଠା।

## ଚିଠିଲେଖିଲେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ

ବିଞ୍ଝାରପୁର, ୨୦।୧୦(ରାମକୃଷ୍ଣ ଦାସ):

ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସଦୃଢ଼ କରିବା ଉଦ୍ଦେଶ୍ୟରେ ପୂର୍ବ ସରକାର ନୂତନ କୋଠା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିବା ସହିତ ନିର୍ମିତ ହେବାକୁ ଥିବା କୋଠାର ନକ୍ସା ମଧ୍ୟ ପ୍ରସ୍ତୁତ କରିଥିଲେ। ହେଲେ ନୂଆ ସରକାର ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ ହେବାକୁ ଥିବା ନୂତନ କୋଠାର ନକ୍ସା ବଦଳାଇ ଦେଇଛନ୍ତି। ଏହି ନୂଆ ନକ୍ସା ଅନୁସାରେ କୋଠା ନିର୍ମାଣ ହେଲେ ଗତ ୬ ବର୍ଷ ତଳେ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା କୋଠାକୁ ଭାଙ୍ଗିବାକୁ ପଡ଼ିବ। ଏହି କୋଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଓ ନର୍ସମାନେ ରହିଆସୁଛନ୍ତି। ଫଳରେ ଠିକ ସମୟରେ ରୋଗୀ ଚିକିତ୍ସା ପାଇପାରୁଛନ୍ତି। କୋଠା ଭଙ୍ଗା ଗଲେ ଏଥିରେ ରହିଆସୁଥିବା ଚିକିତ୍ସକ, ନର୍ସମାନଙ୍କୁ ଅନ୍ୟତ୍ର ଯିବାକୁ ପଡ଼ିବ। ଫଳରେ ରୋଗୀ ଚିକିତ୍ସାରେ ସମାସ୍ୟା ହେବ। ତେଣୁ ଏସବକୁ ଦର୍ଶାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ କ୍ଷୀତିଶ କୁମାର ନାୟକଙ୍କ ସମେତ ସମସ୍ତ ଚିକିତ୍ସକ ଓ ନର୍ସ ଜିଲାପାଳଙ୍କୁ ଚିଠି ଲେଖି ବର୍ତ୍ତମାନ ଥିବା କୋଠା ନ ଭାଙ୍ଗି ପୂର୍ବ ନକ୍ସା ଅନୁସାରେ ନୂତନ କୋଠା ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି।

# ପୂଜା ମଣ୍ଡପ ବୁଲିଲେ ବିଧାୟିକା


ଏକ ପୂଜା ମଣ୍ଡପରେ ବିଧାୟିକା ସୁଜାତା ସାହୁ ଓ ଅନ୍ୟମାନେ।

ଯାଜପୁର ସଦର,୨୦।୧୦ (ସମର ବିଜୟ ଶରଣ):

ଯାଜପୁର ବିଧାୟିକା ସୁଜାତା ସାହୁ ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ଗୋପୀନାଥପୁରର ସମସ୍ତ ୩ ମହାଲକ୍ଷ୍ମୀ ପୂଜା ମଣ୍ଡପ ପରିଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ତାଙ୍କ ସହ ବରିଷ୍ଠ ବିଜେଡି ନେତା ବ୍ରଜକିଶୋର ପାଢ଼ୀ, ଦୀନବନ୍ଧୁ ମଲ୍ଲିକ, ଦାମୋଦର ସାହୁ, ଅଭିମନ୍ୟୁ ନାୟକ, ସ୍ଥାନୀୟ ସରପଞ୍ଚ ସୁଜିତ ରାୟ, ବିଜୟ ଦଳେଇ, ଯୁବନେତା ଅମିତ ରାଉତ, ଗୌରାଙ୍ଗ ସାମଲ, କାଳନ୍ଦୀ ନାୟକ, ରମାକାନ୍ତ ପଣ୍ଡା ଓ ଦୀପକ ଜେନାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ବିଧାୟିକା ପ୍ରତ୍ୟେକ ପୂଜା କମିଟିର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଯାଜପୁରରୋଡ୍,୧୧।୧୦(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମରଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ସହରର ଧବଳଗିରି କୋର୍ଟ ଛକଠାରେ ଥିବା ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟ ନିକଟରେ। ଏହି କାର୍ଯ୍ୟାଳୟଟି ସହରର ମୁଖ୍ୟ ବ୍ୟସ୍ତବହୁଳ ଚୋରଦା ଧବଳଗିରି ରାସ୍ତା ପାର୍ଶ୍ୱରେ ରହିଛି। କାର୍ଯ୍ୟାଳୟ ପାଚେରିକୁ ଲାଗି ରହିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗୁଳ୍ମଲତାରେ ପରିପୂର୍ଣ୍ଣ ହୋଇଛି। ଉକ୍ତ ଟ୍ରାନ୍ସଫର୍ମର ତଳେ ଚା'ପାନ ଦୋକାନ ରହିଛି। ନିକଟରେ ଯାଜପୁରରୋଡ୍ କୋର୍ଟ ରହିଥିବାରୁ ଏହି ସ୍ଥାନଟି ବହୁ ଗୁରୁତ୍ୱପୂର୍ଣ୍ଣ। ସବୁ ସମୟରେ ଏହି ସ୍ଥାନରେ ଓକିଲ ମହକିଲ ଓ ସାଧାରଣ ଲୋକଙ୍କ ଚଳାଚଳ ରହିଥାଏ। ତେଣୁ ଏଠାରେ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି। ଟାଟା ପାୱାର ବିଦ୍ୟୁତ୍ ଦେୟ ଆଦାୟ କରିବାରେ ବ୍ୟସ୍ତ ଥିବାବେଳେ ଲୋକଙ୍କ ଜୀବନ ପ୍ରତି ଧ୍ୟାନ ଦେଉନଥିବା ସାଧାରଣରେ ମତପ୍ରକାଶ ପାଇଛି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।


ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟ ନିକଟରେ ଥିବା ଟ୍ରାନ୍ସଫର୍ମର।

# କାଳୀ ପୂଜାରେ ପ୍ରଶାସନକୁ ସହଯୋଗ କରିବ ଯାଜପୁର ପୂଜା କମିଟି

ଯାଜପୁର ସଦର,୨୦।୧୦ (ସମର ବିଜୟ ଶରଣ):

ଯାଜପୁର ସହରର ଗଣପର୍ବ କାଳୀପୂଜାରେ ଯାଜପୁର ପୂଜା କମିଟି ସମୂହ ସମ୍ପୂର୍ଣ୍ଣ ସହଯୋଗ କରିବ ଏବଂ ଦୀର୍ଘ ୧୧ ଦିନର ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ। ରବିବାର ସ୍ଥାନୀୟ ବିରଜା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରି ସମଗ୍ର ରାଜ୍ୟରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିବାକୁ କମିଟି ସଭାପତି କର୍ଣ୍ଣାଟ କେଶରୀ ଦାସ ଆହ୍ୱାନ ଦେଇଛନ୍ତି।

ପୂଜା ପାଇଁ ରହି ଆସିଥିବା ସ୍ଥାୟୀ ଶାନ୍ତି କମିଟିର ବରିଷ୍ଠ କର୍ମକର୍ତ୍ତା ତଥା ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସହର ଏବଂ ସହର ଉପକଣ୍ଠର ସମସ୍ତ ପୂଜା କମିଟିଗୁଡିକ ଯୋଗଦେଇ ଉକ୍ତ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି।


ବୈଠକରେ ଯୋଗଦେଇଥିବା ଯାଜପୁର ପୂଜା କମିଟିର କର୍ମକର୍ତ୍ତା।

ଅନ୍ୟପକ୍ଷରେ ଜିଲା ପ୍ରଶାସନ ସ୍ଥାୟୀ ଶାନ୍ତି କମିଟି ଏବଂ ସମୂହ ପୂଜା କମିଟି ସହିତ ଆଲୋଚନା ନ କରି କି ସୂଚନା ନ ଦେଇ ଆଉ କିଛି ବ୍ୟକ୍ତିଙ୍କୁ ଶାନ୍ତି କମିଟିରେ ସାମିଲ କରିବାକୁ ନେଇ ବୈଠକରେ ପ୍ରତିବାଦ କରାଯାଇଥିଲା। ପୂଜା କମିଟି ସଭାପତି ଦାସଙ୍କ କହିବା ଅନୁଯାୟୀ, ଶାନ୍ତି କମିଟିରେ ଅଧିକ ବ୍ୟକ୍ତିଙ୍କୁ ସାମିଲକୁ କମିଟି କେବେ ବିରୋଧ କରୁନାହିଁ। କିନ୍ତୁ ସୂଚନା ଏବଂ ଆଲୋଚନାର ଆବଶ୍ୟକତା ନିହାତି ରହିଛି। ଦୀର୍ଘ ବର୍ଷ ଧରି ସ୍ଥାୟୀ ଶାନ୍ତି କମିଟି ଏବଂ ଯାଜପୁର ଟାଉନ ପୂଜା କମିଟି ପୂଜାସୋବ ଏବଂ ଦୁଇ ଦିନିଆ ଭସାଣିକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ ପାଇଁ ପ୍ରଶାସନକୁ ସହଯୋଗ କରି ଆସୁଛି। ଚଳିତ ବର୍ଷ ମଧ୍ୟ ତା'ର ପୁନରାବୃତ୍ତି ହେବ। ପ୍ରଶାସନ ପୂଜା କମିଟି ଏବଂ ସ୍ଥାୟୀ ଶାନ୍ତି କମିଟି ସହିତ ଆଲୋଚନା କରି ଆସନ୍ତା ବର୍ଷକୁ ଶାନ୍ତି କମିଟିର ସମ୍ପ୍ରସାରଣ କଲେ ଆମେ ସ୍ୱାଗତ କରିବୁ ବୋଲି ପୂଜା ମଣ୍ଡପ କର୍ମକର୍ତ୍ତା ମତ ପୋଷଣ କରିଛନ୍ତି। ବୈଠକରେ ଶାନ୍ତି କମିଟି ସଭ୍ୟ ଚିନ୍ତାମଣି ପହି, ପ୍ରଫେସର ବଟକୃଷ୍ଣ ମହାପାତ୍ର, ବଳଭଦ୍ର ଦାସ, ଆଡଭୋକେଟ ରାଜୀବ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଝିଲିରାଣୀ ଆରମ୍ଭ କଲେ ସୁଭଦ୍ରା ଦୋକାନ

## ସୁଭଦ୍ରା ଟଙ୍କା ସ୍ୱପ୍ନ ସାକାର କଲା

କାଏମା,୨୦।୧୦(ଶିବପ୍ରସାଦ ମହାନ୍ତି):

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ ଆରଖପଦା ଗ୍ରାମର ମହିଳା ଝିଲିରାଣୀ ବେହେରା ସୁଭଦ୍ରା ଟଙ୍କା ପାଇବା ପରେ ସୁଭଦ୍ରା ପାନ ଓ ଭେରାଇଟ ଷ୍ଟୋର ନାମରେ ଏକ ଦୋକାନ ଆରମ୍ଭ କରିଛନ୍ତି। ଗ୍ରାମର କିଶୋର ବେହେରାଙ୍କ ସ୍ତ୍ରୀ ଝିଲିରାଣୀଙ୍କ ଜଣେ ଝିଅ ଓ ପୁଅଙ୍କୁ ମିଶାଇ ଚାରି ଜଣ ପରିବାର ଦୁଃଖେକଷ୍ଟେ ଚଳନ୍ତି। କିଶୋର ହାଟରେ ଆଳୁ ବେପାର କରି ଦିନକୁ ୨୦୦ରୁ ୩୦୦ ଟଙ୍କା ରୋଜଗାର କରନ୍ତି। ଏହି ରୋଜଗାରରେ ଦୁଇ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ଓ ଘର ଖର୍ଚ୍ଚ ସମ୍ଭବ ହେଉନାହିଁ। ଚାଳଛପର ଘର ଭାଙ୍ଗିଯିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇଛନ୍ତି। କିଶୋରଙ୍କ କିଛି ଦିନ ପୂର୍ବରୁ ଏକ ଦୁର୍ଘଟଣା ଘଟିଥିଲା। ଫଳରେ ସେ ୩ ମାସ ଘରେ ବସି ରହିଥିଲେ। ତେଣୁ ଝିଲିରାଣୀ ପରିବାର ପ୍ରତିପୋଷଣ ନିମନ୍ତେ ଯୋଜନା କରିଥିଲେ। ସ୍ୱାମୀଙ୍କୁ ସାହାଯ୍ୟ କରିବା ପାଇଁ ମନରେ ଇଚ୍ଛାଥିଲେ



ଦୋକାନରେ ଝିଲିରାଣୀ ବେହେରା।

ବି ଟଙ୍କା ଅଭାବରୁ ସେ ମନ ମାରି ରହି ଯାଇଥିଲେ। ମାତ୍ର ସରକାରଙ୍କ ପକ୍ଷରୁ ସୁଭଦ୍ରା ଟଙ୍କା ମିଳିବା ପରେ ଦୋକାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସିବା ପରେ ସେ ଏହି ଟଙ୍କାରେ ଆବଶ୍ୟକ ଜିନିଷ ପତ୍ର ଆଣି ନିଜ ଘର ବାରଣ୍ଡାରେ ଦୋକାନ ଖୋଲିଛନ୍ତି। ପ୍ରଥମ ଦିନରେ ୨୦୦ ଟଙ୍କା ବେପାର ହେବା ପରେ ସେ ଆଉ କିଛି ଟଙ୍କା ଧାର ଆଣି ଦୋକାନରେ ଗ୍ରସେରି ସାମଗ୍ରୀ ମିଶାଇଛନ୍ତି। ସରକାରଙ୍କ ସୁଭଦ୍ରା ଯୋଜନା ତାଙ୍କ ସ୍ୱପ୍ନକୁ ସାକାର କରିଥିବା ଝିଲିରାଣୀ କହିଛନ୍ତି। ଆଗକୁ ଯଦି ପ୍ରଶାସନ ପକ୍ଷରୁ ସାହାଯ୍ୟ ମିଳେ ସେ ଜଣେ ସଫଳ ବ୍ୟବସାୟୀ ହୋଇପାରିବେ ବୋଲି ଆଶାବାଦୀ ଅଛନ୍ତି। ତାଙ୍କ ପରିବାର ପକ୍ଷରୁ ତାଙ୍କୁ ସମ୍ପୂର୍ଣ୍ଣ ସାହାଯ୍ୟ ମିଳୁଛି। ପରିବାରକୁ କିଛି ଆର୍ଥିକ ସାହାଯ୍ୟ ଯୋଗାଇ ତାଙ୍କୁ ଅନେକ ଆତ୍ମ ଶାନ୍ତି ମିଳୁଥିବା ସେ ମତ ରଖିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ସୁଭଦ୍ରା ଯୋଜନା ଯେଉଁ ଲକ୍ଷ୍ୟରେ ଆରମ୍ଭ ହୋଇଛି ତାହା ସଫଳ ବୋଲି ଝିଲିରାଣୀ ପ୍ରମାଣିତ କରି ଦେଖାଇ ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ସାର, କୀଟନାଶକ ସିଞ୍ଚନ କରିବ ଡ୍ରୋନ୍

ଜଗତ୍‌ସିଂହପୁର, ୨୦।୧୦ (ପ୍ରମୋଦ କୁମାର ନାୟକ)

**ଜଗତ୍‌ସିଂହପୁର ଜିଲା**
- ୧୦ରୁ ୧୫ ମିନିଟ୍‌ରେ ୧ ଏକର ଜମିରେ ସିଞ୍ଚନ ସୁବିଧା
- ଗୋଟିଏ ସ୍ଥାନରୁ ଡ୍ରୋନ୍‌କୁ ୨ କିଲୋମିଟର ପର୍ଯ୍ୟନ୍ତ ଉଡ଼ାଯାଇପାରିବ

ଚାଷ ଓ ଚାଷୀଙ୍କ ପାଇଁ ଆସିଛି ଖୁସି ଖବର। ଧାନ, ନଡ଼ିଆ, ଗୁଆ ଆଦି ଫସଲରେ ସାର, କୀଟନାଶକ ଇତ୍ୟାଦି ସିଞ୍ଚନ ପାଇଁ ଚାଷୀ ଯେଉଁ ହଇରାଣ ହେଉଥିଲେ ଏଣିକି ସେଥିରୁ ନିସ୍ତାର ମିଳିବ। ମୂଲିଆଙ୍କ ଉପରେ ଶତପ୍ରତିଶତ ନିର୍ଭର କରିବାକୁ ପଡ଼ିବ ନାହିଁ। ଡ୍ରୋନ୍ ଏହି ଅଭାବ ଦୂର କରିବାରେ ସହାୟକ ହେବ। ଡ୍ରୋନ୍ ଜଗତ୍‌ସିଂହପୁର ଜିଲାରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ପୂର୍ବରୁ ଏବେ ଏହାର ପରୀକ୍ଷାମୂଳକ କ୍ଷେତ୍ର ପ୍ରଦର୍ଶନ ଆରମ୍ଭ ହୋଇଛି। ନିକଟରେ ଜଗତ୍‌ସିଂହପୁର ସହର ନିକଟ ରସଲପୁର ଏବଂ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିମ୍ପଳ ମାଧବ ପଞ୍ଚାୟତରେ ପରୀକ୍ଷାମୂଳକଭାବେ କ୍ଷେତ୍ର ପ୍ରଦର୍ଶନ ସମୟରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ଲୋକଙ୍କ ଭିତରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏନେଇ ଚାଷୀ ମହଲରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ଏ ସମ୍ପର୍କରେ ଓୟୁଏଟି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଓ ଜଗତ୍‌ସିଂହପୁର କୃଷି ବିଜ୍ଞାନ କେନ୍ଦ୍ର (କେବିକେ) ପକ୍ଷରୁ କୁହାଯାଇଛି ଡ୍ରୋନ ଦ୍ୱାରା ସ୍ୱଳ୍ପ ପରିଶ୍ରମ, ଖୁବ୍‌କମ୍ ସମୟ ଏବଂ କମ୍ ଖର୍ଚ୍ଚରେ ବ୍ୟାପକ ଫସଲରେ ସାର, କୀଟନାଶକ ସିଞ୍ଚନ କରାଯାଇପାରୁଛି। ମାତ୍ର ୧୦ରୁ ୧୫ ମିନିଟ ମଧ୍ୟରେ ଏହାଦ୍ୱାରା ଏକ ଏକର ଚାଷ ଜମିରେ ସାର, କୀଟନାଶକ ପ୍ରୟୋଗ ହୋଇପାରୁଛି। ଏ ସମ୍ପର୍କରେ କୃଷି ଯନ୍ତ୍ରପାତି ବୈଜ୍ଞାନିକ ଡ.ଦ୍ୱାରିକା ମୋହନ ଦାସ କହିଛନ୍ତି, ପ୍ରତି ଡ୍ରୋନ୍‌ରେ ୨ଟି ଲିଥିୟମ ଆୟନ (୨୪ ଭୋଲ୍ଟ) ବ୍ୟାଟେରି ଥାଏ। ଏଥିରେ ଗୋଟିଏ ଦିନରେ ୬ରୁ ୮ ସେଟ୍ ବ୍ୟାଟେରି ବ୍ୟବହାର ହେଲେ ୧୫ରୁ ୨୦ ଏକର ଜମିରେ ସିଞ୍ଚନ କରାଯାଇପାରିବ। ଧାନଗଛ ଉଚ୍ଚତାର ୨ରୁ ୩ ମିଟର ଉପରେ ଡ୍ରୋନ୍ ଉଡିବା ଉଚିତ। ତାଠାରୁ କମ ଉଚ୍ଚତାରେ ଉଡିଲେ ଧାନଗଛ ଭାଙ୍ଗିଯିବାର ଭୟ ଅଛି। ତେବେ ଏହି ଡ୍ରୋନ୍ ଘଣ୍ଟାପ୍ରତି ୧୦ କିଲୋମିଟର ବେଗରେ ଉଡ଼ିପାରୁଥିବାରୁ କମ୍ ସମୟ ମଧ୍ୟରେ ସିଞ୍ଚନ ସମ୍ଭବ ହେଉଛି। କେବଳ ଧାନ ନୁହେଁ, ନଡ଼ିଆ ଓ ଗୁଆ ଆଦି ଗଛରେ ପୋକ ମାରିବା କିମ୍ବା ନ ହେବା ପାଇଁ ମଧ୍ୟ ଡ୍ରୋନ ମାଧ୍ୟମରେ କୀଟନାଶକ ସିଞ୍ଚନ କରାଯାଇପାରିବ। ଡ୍ରୋନ୍‌ର ୧୦ ଲିଟର ଟାଙ୍କିରେ ଗୋଟିଏ ଏକର ପାଇଁ ଅନୁମୋଦିତ ଖାଦ୍ୟ ସାର କିମ୍ବା କୀଟନାଶକ ମିଶାଇ ସମ୍ପୂର୍ଣ୍ଣ ଭାବରେ ପ୍ରୟୋଗ କରାଯାଇପାରିବ। କିନ୍ତୁ ପାଣି ସଫା ରହିବା ବାଧ୍ୟତାମୂଳକ। ଏଥିସହ ତରଳ ସାର କିମ୍ବା କୀଟନାଶକ ବ୍ୟବହାର ହେବ। ଡ୍ରୋନରେ ଲାଗିଥିବା ସ୍ପ୍ରେ ନୋଜାଲରେ ଅଲଟ୍ରା ଲୋ ଭଲ୍ୟୁମ (ୟୁଏଲ୍‌ଭି) ସିଞ୍ଚନ ବ୍ୟବସ୍ଥା ଥାଏ। ଏହାଦ୍ୱାରା କମ୍ ଜଳ ବ୍ୟବହାର କରି ଅଧିକ ଅଞ୍ଚଳରେ ସିଞ୍ଚନ କରିପାରେ। ଏହା ମାନୁଆଲ କଣ୍ଟ୍ରୋଲ କିମ୍ବା ଅଟୋ ପାଇଲଟ ମୋଡ୍‌ରେ ଚାଲିପାରେ। ଡ୍ରୋନରେ ଲାଗିଥିବା ସେନ୍‌ସର ଓ ଜିପିଏସ୍ ସାହାଯ୍ୟରେ ୨/୩ କିଲୋମିଟର ପର୍ଯ୍ୟନ୍ତ ଗୋଟିଏ ସ୍ଥାନରୁ ଡ୍ରୋନ୍‌କୁ ନିୟନ୍ତ୍ରଣ କରାଯାଇପାରେ। ଡ୍ରୋନ ଉଠିବା, ଓହ୍ଲେଇବା କିମ୍ବା ଉଡ଼ିବା ସମୟରେ ଏହାଠାରୁ ଯଥେଷ୍ଟ ଦୂରତା ରକ୍ଷା କରିବା ଆବଶ୍ୟକ। ନଚେତ ଦୁର୍ଘଟଣା ହେବାର ସମ୍ଭାବନା ଅଛି। ଡ୍ରୋନ୍ ସ୍ପ୍ରେ କରିବା ସମୟରେ ମୁହଁରେ ମାସ୍କ ଓ ଆଖିରେ ଚଷମା ବ୍ୟବହାର ଜରୁରୀ। ରସାୟନ ବ୍ୟବହାର ହେଉଥିଲେ ହାତରେ ଗ୍ଲୋଭ୍ସ ପିନ୍ଧିବାକୁ ପଡ଼ିବ। ପବନର ବେଗ ଘଣ୍ଟା ପ୍ରତି ୧୦ କିଲୋମିଟରରୁ ଅଧିକ ଥିଲେ କିମ୍ବା ବର୍ଷା ହେଉଥିଲେ ଡ୍ରୋନ୍ ବ୍ୟବହାର କରିବା ଉଚିତ ନୁହେଁ। ଡିଜିସିଏ (ଡାଇରେକ୍ଟୋରେଟ୍ ଜେନେରାଲ ଅଫ ସିଭିଲ ଆଭିଏଶନ୍) ମାନ୍ୟତାପ୍ରାପ୍ତ ଆର୍‌ପିଟିଓ (ରିମୋଟ ପାଇଲଟ ଟ୍ରେନିଂ ଅର୍ଗାନାଇଜେଶନ୍)ରୁ ତାଲିମପ୍ରାପ୍ତ ପାଇଲଟ ସବୁବେଳେ ଡ୍ରୋନ୍ ଉଡ଼ାଇବା ଉଚିତ। ସ୍କାଏଭାନ୍ ଆଭିଏଶନ୍ ନିଜର ଡ୍ରୋନ ଚାଷ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରୁଛି। କୃଷି ବିଭାଗ ଦ୍ୱାରା ସରକାରୀ ରିହାତିରେ ଡ୍ରୋନ ଉପଲବ୍ଧ ହେଉଛି। ଜିଲାର ଚାଷୀମାନେ ଏହାର ସୁବିଧା ନେଇପାରିବେ। ଓୟୁଏଟି ପକ୍ଷରୁ ଡ୍ରୋନ ପ୍ରକଳ୍ପର ମୁଖ୍ୟ ପ୍ରବନ୍ଧକ ତଥା ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଅମରେଶ ଖୁଣ୍ଟିଆ ଓଡ଼ିଶାର ବିଭିନ୍ନ ଜିଲାରେ ଡ୍ରୋନ ମାଧ୍ୟମରେ ସିଞ୍ଚନ କାର୍ଯ୍ୟର ପରିଚାଳନା କରୁଛନ୍ତି ।



ପରୀକ୍ଷାମୂଳକ ଭାବେ ସାର ଓ କୀଟନାଶକ ସିଞ୍ଚନ ପାଇଁ ଅଣାଯାଇଥିବା ଡ୍ରୋନ୍।

# ମନରୁ ଲିଭିନି ମହାବାତ୍ୟାର ସ୍ମୃତି



କବିତା ଆସରରେ ଯୋଗଦେଇଥିବା ଅତିଥିମାନେ।

ଏରସମା, ୨୦।୧୦ (ଦୀପ୍ତି ଖଣ୍ଡୁଆଳ)

**ମହାବାତ୍ୟା ୨୫ତମ ସ୍ମାରକ କବିତା ଆସର**

ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକି ପଞ୍ଚାୟତ କର୍ଯ୍ୟାଳୟ ପରିସରରେ ରବିବାର ମହାବାତ୍ୟାର ୨୫ ତମ ସ୍ମାରକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ବରୀ ଅଞ୍ଚଳର ଚାଳଘର ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ବିରଜା ପ୍ରସାଦ ପରିଡା ସଭାପତିତ୍ୱ କରିଥିଲେ। ଏଥିରେ ଅବସରପ୍ରାପ୍ତ ଅଧ୍ୟକ୍ଷ ବିଷ୍ଣୁ ଚରଣ ମିଶ୍ର ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ହୋଇ ମହାବାତ୍ୟା ରଚିଥିବା ମହାତାଣ୍ଡବ ଏବେବି ଏରସମାବାସୀଙ୍କ ମନରୁ ଲିଭିନି ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ଡ. ନୃସିଂହ ଚରଣ ବେହେରା, ସମ୍ପାଦକ ପ୍ରତାପ କୁମାର ଦାସ, ଦେବେନ୍ଦ୍ର କୁମାର ଦାସ, ଗଙ୍ଗୋତ୍ରୀର ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ଜେଠୀ, ଧ୍ରୁବ ଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ମହାବାତ୍ୟା ସ୍ମୃତି ଚାରଣ କରିଥିଲେ। ୨ୟ ଅଧିବେଶନରେ ସୁଶୀଲ ସିଂ ଓ ଅମୃତା ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଅପର୍ଣ୍ଣା ଦାସ, ବୈଦ୍ୟନାଥ ସାହୁ, ଅମ୍ବିକା ପ୍ରସାଦ ସାମଲ, ଦିଲୀପ କୁମାର ଦାସ, ପ୍ରେମଲତା ବାରିକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଭା ପ୍ରାରମ୍ଭରେ ମହାବାତ୍ୟାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଅମିତାଭ ଜେନା ଧନ୍ୟବାଦ ଦେଇଥିଲେ।

# 'ପାରାଦୀପରେ ଜାହାଜ ନିର୍ମାଣ ଓ ମରାମତି ପାଇଁ କ୍ଲଷ୍ଟରର ବିକାଶ କରାଯିବ'

ପୁରୀ,୨୦।୧୦(ଅଜିତ୍ କୁମାର ମହାନ୍ତି)

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ପୁରୀରେ ଆୟୋଜିତ ହୋଇଥିବା ଦୁଇଦିନିଆ ଦ୍ୱିତୀୟ ଜାତୀୟ ଲାଇଟ୍ ହାଉସ୍ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଯୋଗଦେଇ କହିଥିଲେ, ପାରାଦୀପ ବନ୍ଦରର ବିକାଶ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ପାରାଦୀପ ବନ୍ଦରରେ ଜାହାଜ ନିର୍ମାଣ ଓ ମରାମତି ପାଇଁ ଏକ କ୍ଲଷ୍ଟର ର ବିକାଶ କରାଯିବ। ଓଡ଼ିଶାର ୪୮୦ କିଲୋମିଟର ଉପକୂଳ ଅଞ୍ଚଳର ସମନ୍ୱିତ ବିକାଶ ପାଇଁ ପଦକ୍ଷେପ ନିଆଯାଉଛି। ବ୍ରାହ୍ମଣୀ ଓ ମହାନଦୀରେ କାର୍ଗୋ ପରିବହନ ପାଇଁ କେନ୍ଦ୍ର ସରକାର ସହଯୋଗ ଯୋଗାଇ ଦେବେ ବୋଲି ସେ କହିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥି ଭାବେ ଯୋଗଦେଇ କହିଥିଲେ, ବତିଘର ବା ଲାଇଟହାଉସ ଆମ ଐତିହାସିକ ବୈଭବର ପରିଚୟ ଦିଏ। ଓଡ଼ିଶାର ପର୍ଯ୍ୟଟନସ୍ଥଳଗୁଡ଼ିକ ମଧ୍ୟରେ ବତିଘର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାନ ପାଇବ। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଦେଶର ୭୫ଟି ଲାଇଟହାଉସ୍‌ର ବିକାଶ କରାଯାଇଛି। ଏଥିରେ ଓଡ଼ିଶାର ଗୋପାଳପୁର, ପୁରୀ, ଚନ୍ଦ୍ରଭାଗା, ଫଲ୍‌ସ ପଏଣ୍ଟ ଓ ପାରାଦୀପ ଲାଇଟ ହାଉସ୍ ରହିଛି। ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି ଓ ସୁରକ୍ଷିତ ଦର୍ଶନ ବ୍ୟବସ୍ଥା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ପାରାଦୀପ ବନ୍ଦରରେ ଦୁଇଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ପାରାଦୀପ ବନ୍ଦରରେ ମାଲ ପରିବହନର ସୁବିଧା ପାଇଁ ଗୋଟିଏ ଫ୍ଲାଇ-ଓଭର ଏବଂ ଚାରିଲେନ୍ ବିଶିଷ୍ଟ ଏକ ସଡ଼କ ନିର୍ମାଣ କରାଯାଇଛି। କାର୍ଗୋ ହାଣ୍ଡଲିଙ୍ଗରେ ସୁବିଧା ପାଇଁ ଏହାର ଆଧୁନିକୀକରଣ କରାଯିବ। ଏହା ଦ୍ୱାରା ଘଣ୍ଟାକୁ ୩୦ହଜାର ଟନ ଲୁହାପଥର କାରବାର କରାଯାଇପାରିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ପୁରୀ ଏମପି ଡ. ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କେନ୍ଦ୍ର ବନ୍ଦର, ଜାହାଜ ପରିବହନ ଓ ଜଳମାର୍ଗ ବିଭାଗର ସଚିବ ଟି.କେ. ରାମଚନ୍ଦ୍ରନ୍ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀମାନେ ଯୋଗଦେଇଥିଲେ।

# ଓସିଏସ୍ ପରୀକ୍ଷାରେ ଜଗତ୍‌ସିଂହପୁର ମେଧାବୀଙ୍କ ସଫଳତା


ରଶ୍ମିତା ଲେଙ୍କା | ସୁନିତା ମହାପାତ୍ର | ଜ୍ୟୋତିର୍ମୟୀ ଆଚାର୍ଯ୍ୟ | ଶ୍ରଦ୍ଧାରଞ୍ଜନା ଗ୍ରହାଚାର୍ଯ୍ୟ | ଗୌତମ ଦେବଦତ୍ତ | ସ୍ମୃତିରଞ୍ଜନ ସ୍ୱାଇଁ | ସ୍ୱୟଂସିଦ୍ଧ ରାଉତ

ରଘୁନାଥପୁର/ଏରସମା,୨୦।୧୦
(ରାଜେନ୍ଦ୍ର ନାରାୟଣ ସିଂହ/ ଦୀପ୍ତି ଖଣ୍ଡୁଆଳ)

୨୦୨୨ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ପରୀକ୍ଷାରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକରୁ ୩ ଜଣ, ତିର୍ତ୍ତୋଲରୁ ୨,ବିରିଡି,ଏରସମାରୁ ଜଣେ ଲେଖାଏଁ ଏହି ସଫଳତା ହାସଲ କରି ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିଛନ୍ତି। ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତର ଗୁରୁରଞ୍ଜନ ରାଉତଙ୍କ ପୁତ୍ର ସ୍ୱୟଂସିଦ୍ଧ ରାଉତ ଏହି ପରୀକ୍ଷାରେ ୯୪ତମ ର୍‍ୟାଙ୍କ ପାଇଛନ୍ତି। ସେ ସିଡିଏସ୍ଥିତ ଡିଏଭି ସ୍କୁଲରୁ ଦ୍ୱାଦଶରୁ ଉତ୍ତୀର୍ଣ୍ଣ ହେବାପରେ ବୁର୍ଲା ଇଂଜିନିୟରିଂ କଲେଜରେ ବିଟେକ୍ କରିଥିଲେ। ରଘୁନାଥପୁର ଅଞ୍ଚଳର ନବକିଶୋର ବାରିକ ଓ ରିତା ରାଉତଙ୍କ ପୁତ୍ର ଗୌତମ ଦେବଦତ୍ତ ଏହି ପରୀକ୍ଷାରେ ୪୯୬ ତମ ର୍‍ୟାଙ୍କ ପାଇଛନ୍ତି। ସେ ପ୍ରଥମ ପ୍ରଚେଷ୍ଟାରେ ବିନା କୋଚିଂରେ ଏହି ସଫଳତା ହାସଲ କରିଛନ୍ତି। ରଘୁନାଥପୁର ଚାନ୍ଦପୁରର ସୁନିତା ମହାପାତ୍ର ୮୦ତମ ସ୍ଥାନ ହାସଲ କରିଛନ୍ତି। ସେ ହେଲେ ସୁବାସ ଚନ୍ଦ୍ର ମହାପାତ୍ର ଓ ଜ୍ୟୋତିର୍ମୟୀଙ୍କ ଝିଅ। ତିର୍ତ୍ତୋଲ ବ୍ଲକ ମୂଳିସିଂହ ପଞ୍ଚାୟତର ଶ୍ରଦ୍ଧା ରଞ୍ଜନା ଗ୍ରହାଚାର୍ଯ୍ୟ ଏହି ପରୀକ୍ଷାରେ ୨୪୦ତମ ସ୍ଥାନ ହାସଲ କରିଛନ୍ତି। ସେହିପରି ଏହି ବ୍ଲକ ପିମ୍ପଳମାଧବ ଗ୍ରାମର ଜ୍ୟୋତିର୍ମୟୀ ଆଚାର୍ଯ୍ୟ ୨ୟ ପ୍ରଚେଷ୍ଟାରେ ୩୦୧ତମ ସ୍ଥାନ ହାସଲ କରିଛନ୍ତି। ବିରିଡି ବ୍ଲକ କୁଲକଇଜଙ୍ଗା (ମହାତଳ)ଅଞ୍ଚଳର ନିରଞ୍ଜନ ସ୍ୱାଇଁ ଓ ଦୀପ୍ତିବାଳାଙ୍କ ଜ୍ୟେଷ୍ଠ ପୁତ୍ର ସ୍ମୃତିରଞ୍ଜନ ସ୍ୱାଇଁ ୩୯୮ତମ ସ୍ଥାନ ହାସଲ କରିଛନ୍ତି। ସେ କୁଲକଇଜଙ୍ଗାସ୍ଥିତ ଶିଶୁମନ୍ଦିରରୁ ମାଟ୍ରିକ ପାସ ପରେ ବିଟେକ୍ ମେକାନିକାଲ ଇଂଜିନିୟରିଂ ଓ ବୁର୍ଲାରେ ଏମ୍‌ଟେକ୍ କରିଥିଲେ। ସେହିପରି ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଓରନାଳ ଗ୍ରାମର ରଶ୍ମିତା ଲେଙ୍କା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୬୭ ର୍‍ୟାଙ୍କ ପାଇଛନ୍ତି। ଏରସମାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିବା ପରେ ଏସ୍‌ଭିଏମ୍ ସ୍ୱୟଂଶାସିତ କଲେଜ ଜଗତ୍‌ସିଂହପୁରରେ ଯୁକ୍ତ ୨ ଓ ଯୁକ୍ତ ୩ ବିଜ୍ଞାନରେ ସ୍ନାତକ ଡ଼ିଗ୍ରୀ ହାସଲ କରିଥିଲେ। ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଜୁଲୋଜିରେ ସ୍ନାତକୋତ୍ତର ଡ଼ିଗ୍ରୀ ହାସଲ କରି ଓଡିଶା ପ୍ରଶାସନିକ ସେବା ପରୀକ୍ଷାପାଇଁ ପ୍ରସ୍ତୁତ ହୋଇଥିଲେ। ସେ ତାଙ୍କ ୨ୟ ପ୍ରୟାସରେ ଏହି ସଫଳତା ହାସଲ କରିଛନ୍ତି।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶରେ ସହାୟକ ହେଉଛି ସୁରଭି

ତିର୍ତ୍ତୋଲ, ୨୦।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲର ମଣିଚରଣ ଶାରଳା ଏକାଡେମୀ ପରିସରରେ ରବିବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିମାନେ କହିଛନ୍ତି ଯେ, ବିଦ୍ୟାଳୟସ୍ତରରେ ଚାଲିଥିବା ସୁରଭି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ବିକାଶରେ ସହାୟକ ହେଉଛି। ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଧାୟକ ରମାକାନ୍ତ ଭୋଇ ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଅତିଥିଭାବେ ଯୋଗ ଦେଇଥିଲେ। ଏହି ସଭାରେ ବକ୍ତାମାନେ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ୧୮ ବିଦ୍ୟାଳୟ ଭାଗ ନେଇଥିଲେ। ତିର୍ତ୍ତୋଲ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଷ୍ଣୁପ୍ରିୟା ଦେବୀ, ନାରୀନେତ୍ରୀ ଝରାଶ୍ରୀ ରାଉତ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସିଆର୍‌ସିସି ଦୀପକ ମହାନ୍ତି, ପ୍ରଣବ ସାହୁ, ରଶ୍ମିରଞ୍ଜନ ନାୟକ, ଚିତ୍ତରଞ୍ଜନ ଦାସ, ରାଜେଶ ଖଟୁଆ, ମୋହନ ଟୁଡୁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।


ପ୍ରତିଯୋଗୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ବେଳାଭୂମିରେ କାଇଟ୍ ସର୍ଫିଙ୍ଗ କଲେ ଜାତୀୟସ୍ତରର ଖେଳାଳି

ପାରାଦୀପ,୨୦।୧୦(ଶରତ ରାଉତ)

ଓଡ଼ିଶା ୟାଟିଂ କ୍ଲବ ପକ୍ଷରୁ ରବିବାର ପାରାଦୀପ ବତିଘର ପାଖ ସମୁଦ୍ରରେ ୪ ଜଣ ଜାତୀୟସ୍ତରର ଖେଳାଳି କାଇଟ ସର୍ଫିଙ୍ଗ କରିଛନ୍ତି। ସେମାନେ ହେଲେ କଳାହାଣ୍ଡି ଭବାନୀପାଟଣା ଅଞ୍ଚଳର ନରେଶ ମଙ୍ଗରାଜ ଓ ଲୀନାରାଣୀ ଗଙ୍ଗଦେବ, କଟକର ବିଶାଖା ରାୟ ଓ ସୌମ୍ୟଜିତ୍ ରାୟ। ଏହି ଅବସରରେ ଓଡ଼ିଶା ୟାଟିଂ କ୍ଲବ ପ୍ରତିଷ୍ଠାତା ତଥା ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବୀର ବକ୍ସ, ପ୍ରଶିକ୍ଷକ ସଞ୍ଜୟ କୁମାର କର, କ୍ଲବ ଉପସଭାପତି ଗତିକୃଷ୍ଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ୨ ଦିନ ଏଠାରେ ଅନ୍ୟ ଜଳକ୍ରୀଡ଼ା ଯଥା ୱିଣ୍ଡ ସର୍ଫିଙ୍ଗ, ସେଲିଂ ଆଦି ଖେଳାଯିବ ବୋଲି ଜଣାପଡ଼ିଛି। ଏହି ଜଳକ୍ରୀଡ଼ା ପାରାଦୀପ ବତିଘର ପାଖରେ ପ୍ରଥମ କରି କରାଯାଇଛି। ଉପକୂଳ ଓଡ଼ିଶାର ପିଲାମାନଙ୍କୁ ଏପରି ଜଳକ୍ରୀଡ଼ା ମାଧ୍ୟମରେ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ୟାଟିଂ କ୍ଲବ ସଭାପତି କ୍ୟାପଟେନ ସରୋଜ ପ୍ରଧାନ କହିଛନ୍ତି।

# ଶିକ୍ଷା ସହ କଳା ପ୍ରତି ଅନୁରକ୍ତ ହୁଅ

**ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ**


ବିଧାୟକ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ରଘୁନାଥପୁର,୨୦।୧୦
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଭିତ୍ତିକ ଦିଗ୍‌ଦର୍ଶନ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ପିଲାମାନେ ଶିକ୍ଷା ସହ କଳା ପ୍ରତି ଅନୁରକ୍ତ ହୁଅନ୍ତୁ ବୋଲି କହିଥିଲେ। ସେହିପରି ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟରେ ପିଲାମାନେ ପାଠପଢା ସହିତ ନୃତ୍ୟଗୀତ ଓ ଖେଳ ପ୍ରତି ରୁଚି ରଖିବା ପାଇଁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ସୁଚିତ୍ରା ପଣ୍ଡା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ଓ ରଜନୀକାନ୍ତ ରାୟ ଓ ସାମାଜିକ କର୍ମୀ ପ୍ରକାଶ ମଲ୍ଲିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ନିର୍ମଳେନ୍ଦୁ ସୋମ ଅତିଥି ପରିଚୟ ଓ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଦଳେଇ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ମଣ୍ଡଳ ଶିକ୍ଷାଧିକାରୀ ସ୍ୱାଇଁ ସୁରଭି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ସିଆରସିସି ଦିଲୀପ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷକ ନେତା ଦେବାଶିଷ ବେହେରା ଅତିଥି ପରିଚୟ ଓ ସିଆର୍‌ସିସି ବିରୂପାକ୍ଷ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ନେତା ରବିନାରାୟଣ, ଭାସ୍କର ମୁଦୁଲି, ତରୁଣ କୁମାର ଜେନା,ସୁକାନ୍ତ କୁମାର ଦ୍ୱିବେଦୀ, ଉମେଶ କୁମାର ନାୟକ, ବାଉରିବନ୍ଧୁ ଓଝା, ଯଜ୍ଞବଲ୍କ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୂତନ ସର୍କିଟ ହାଉସରେ ସାଧାରଣ ଲୋକଙ୍କ ପାଇଁ ଶୌଚାଳୟ ନାହିଁ

ପାରାଦୀପ,୨୦।୧୦(ଶରତ ରାଉତ)

**୧କୋଟି ୩୧ଲକ୍ଷ ଟଙ୍କାରେ ନିର୍ମାଣ ହୋଇଛି**



ଦେଶରେ ସ୍ୱଚ୍ଛ ଭାରତ ଅଭିଯାନକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜୋରଦାର କରିଛନ୍ତି। ଏଥିସହ ବାହ୍ୟ ମଳମୁକ୍ତ ଅଞ୍ଚଳ କରିବା ପାଇଁ କସରତ ହେଉଛି। କିନ୍ତୁ ସରକାରୀ ଅତିଥି ଭବନ (ସ୍ୱତନ୍ତ୍ର ସର୍କିଟ ହାଉସ)ରେ ସାଧାରଣ ଲୋକଙ୍କ ପାଇଁ ଶୌଚାଳୟ ନାହିଁ। ଏପରି ଘଟଣା ଜଗତ୍‌ସିଂହପୁର ଜିଲା ପାରାଦୀପ ସର୍କିଟ ହାଉସରେ ଦେଖିବାକୁ ମିଳିଛି। ୨୦୨୩ ମେ' ୫ରେ ସରକାର ୧କୋଟି ୩୧ ଲକ୍ଷ ୬୦ହଜାର ୭୯ ଟଙ୍କା ବ୍ୟୟରେ ୩ ମହଲା ବିଶିଷ୍ଟ ନୂତନ ସର୍କିଟ ହାଉସ ନିର୍ମାଣ କରିଛନ୍ତି। ସେଥିରେ ଅତିଥିଙ୍କ ରହଣି ପାଇଁ ୬ କକ୍ଷ, ଦୁଇଟି ବୈଠକ ହଲ୍ ଓ ଗୋଟିଏ ଖାଇବା ହଲ କରାଯାଇଛି। ସେହି କକ୍ଷ ମଧ୍ୟରେ ଶୌଚାଳୟ ସଂଯୋଗ ରହିଛି। ଏହାକୁ ଅତିଥିମାନେ ବ୍ୟବହାର କରିବେ। ମାତ୍ର ସେଠାରେ ରହୁଥିବା ଅତିଥି (ମନ୍ତ୍ରୀ, ବିଧାୟକ, ଏମ୍‌ପି, ବରିଷ୍ଠ ଅଧିକାରୀ ପ୍ରମୁଖ)ଙ୍କୁ ଦେଖା କରିବାକୁ ଯାଉଥିବା ଲୋକଙ୍କ ପାଇଁ କୌଣସି ଶୌଚାଳୟ ନାହିଁ। ଏହାଦ୍ୱାରା ଅତିଥିଙ୍କୁ ଦେଖା କରିବାକୁ ଯାଉଥିବା ଲୋକମାନେ ବାହାରେ ଶୌଚ କରିବାକୁ ବାଧ୍ୟ ହେଉଛନ୍ତି। ସେଠାରେ ଥିବା ପୁରୁଣା ସର୍କିଟ ହାଉସକୁ ଇତିମଧ୍ୟରେ ଭାଙ୍ଗି ଦିଆଯାଇଛି।

ପୁରୁଣା ସର୍କିଟ ହାଉସ ଭାଙ୍ଗିବା ଓ ନୂତନ ନିର୍ମାଣ କରିବା, ଅତିଥିମାନଙ୍କ ରହଣି, ମରାମତି ନବୀକରଣ ବାବଦରେ ଖର୍ଚ୍ଚ, ନୂଆ ସର୍କିଟ ହାଉସକୁ ଘରୋଇ ସଂସ୍ଥା ଜରିଆରେ ପରିଚାଳନା କରିବା, ଶୌଚାଳୟ, ଜାଗା ଆଦି ୧୦ଟି ପ୍ରସଙ୍ଗ ଉପରେ ଜିଲା ପ୍ରଶାସନକୁ ସୂଚନା ଅଧିକାର ଆଇନ ଜରିଆରେ ତଥ୍ୟ ମଗାଯାଇଥିଲା। ସେଥିରେ ରାସ୍ତା କୋଠାବାଡି ବିଭାଗ, କୁଜଙ୍ଗ ତହସିଲଦାର ଓ ପାରାଦୀପ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଜରିଆରେ ୯ ପୃଷ୍ଠାର ତଥ୍ୟ ଦିଆଯାଇଛି। ରାସ୍ତା ଓ କୋଠାବାଡି (ଆର ଆଣ୍ଡ ବି)ବିଭାଗର ଜନସୂଚନା ଅଧିକାରୀ ତଥା ସହକାରୀ ଯନ୍ତ୍ରୀ ଚିଠି ନଂ. (୪୦୩୫/୩୦।୯।୨୦୨୪)ରେ ଦିଆଯାଇଥିବା ସୂଚନା ଅନୁଯାୟୀ, ପୁରୁଣା ସର୍କିଟ ହାଉସ ଭାଙ୍ଗିବା ପାଇଁ ୬ଲକ୍ଷ ୩୪ହଜାର ୩୫୪ ଟଙ୍କା ଖର୍ଚ୍ଚ ହୋଇଛି। ସେଥିରେ ଥିବା ପୁରୁଣା ଆସବାବପତ୍ର ଷ୍ଟୋର ରୁମ୍‌ରେ ଗଚ୍ଛିତ ଅଛି। ଉକ୍ତ ପୁରୁଣା ବିଲ୍ଡିଂ ଭାଙ୍ଗିବା ପାଇଁ ଜଗତ୍‌ସିଂହପୁର ଜିଲାପାଳ ୨୧ ଅଗଷ୍ଟ୨୦୨୩ରେ ସ୍ୱୀକୃତି (ଚିଠି ନଂ.୧୨୦୯୧) ଦେଇଥିଲେ। ସେହିପରି କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା (ଚିଠି ନଂ ୭୧୩୧/୬।୯।୨୦୨୪)ଅନୁସାରେ ସର୍କିଟ ହାଉସ ପାଇଁ ୨ ଏକର ୩୩ ଡିସିମିଲ ଜାଗା ଦିଆଯାଇଛି। ସେଥିରୁ ୧୫ ଡିସିମିଲ ଜାଗା ମିଶନଶକ୍ତିକୁ ଦିଆଯାଇଛି। ସେଠାରେ ପୋର୍ଟସାଇଡ କାଫେ ହୋଇଛି। ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ (ଚିଠି ନଂ.୮୨୮/୧୩।୯।୨୦୨୪)ରେ ସର୍କିଟ ହାଉସ ପରିଚାଳନା ପାଇଁ 'କଲ୍ ମି ସର୍ଭିସ' ନାମକ ସଂସ୍ଥାକୁ ଦିଆଯାଇଛି। ସେଥିରେ ମାତ୍ର ଜଣେ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ଅଛନ୍ତି। ସର୍କିଟ ହାଉସରେ ଅବସ୍ଥାନ କରୁଥିବା ଅତିଥିଙ୍କ ପାଇଁ ଶୌଚାଳୟ ଅଛି। ମାତ୍ର ଅତିଥିମାନଙ୍କୁ ସାକ୍ଷାତ କରିବାକୁ ଆସୁଥିବା ଲୋକଙ୍କ ପାଇଁ ଶୌଚାଳୟ ଉପଲବ୍ଧ ନାହିଁ। ପୁରୁଣା ସର୍କିଟ ହାଉସ୍‌ରେ ୨୦୦୦ମସିହା ପରଠାରୁ ୨୦୨୩ ପର୍ଯ୍ୟନ୍ତ ୩୨୪୬ଜଣ ଅତିଥି ରହିଛନ୍ତି। ଅତିଥି ଦେଇଥିବା ରାଜସ୍ୱ ହେଉଛି ୫ ଲକ୍ଷ୨୨ହଜାର ୯୧୯ଟଙ୍କା। ଅତିଥିଙ୍କ ପାଇଁ ଖର୍ଚ୍ଚ ହୋଇଛି ୪ ଲକ୍ଷ୮୩ ହଜାର ୯୯୮ଟଙ୍କା।

ବାସ୍ତବରେ ପୁରୁଣା ସର୍କିଟ ହାଉସରେ ଅତିଥି ରହଣି ପାଇଁ ୧୨ କକ୍ଷ, ବୈଠକ ହଲ୍ ଭଳି ସୁବିଧା ଥିଲା। ଏହାକୁ ସରକାରୀ କର୍ମଚାରୀ ପରିଚାଳନା କରୁଥିଲେ। ସେଥିରେ ଏକାଧିକବାର ମରାମତି ମଧ୍ୟ ହୋଇଥିଲା। ତେବେ ମରାମତି ବାବଦ ଖର୍ଚ୍ଚ ତଥ୍ୟ ଆର ଆଣ୍ଡ ବି ଓ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ପାଖରେ ନାହିଁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ସେଥିରେ ଅନେକ ଭଲ ଆସବାବପତ୍ର ଥିଲା। ସେସବୁ ଗଚ୍ଛିତ ଅଛି ବୋଲି ଲିଖିତ ସୂଚନା ମିଳିଛି। କିନ୍ତୁ ତା'ମଧ୍ୟରେ କେତେଜଣ କର୍ମଚାରୀ ପୁରୁଣା ଖଟ ଆଲମାରୀ ଏସି,ପଙ୍ଖା ଭଳି ମୂଲ୍ୟବାନ ସାମଗ୍ରୀ ନିଜ ଘରକୁ ନେଇଥିବା ଜଣେ କର୍ମଚାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି।

# ପୁରାତନ ପ୍ରବେଶ ପଥ ଗେଟ୍ ନିର୍ମାଣ ହେଉନାହିଁ

ଖଣ୍ଡପଡ଼ା,୨୦।୧୦
(ଅଜୟ କୁମାର ମହାରଣା)

■ପାହାଡ଼ ଉପରେ ଥିବା କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ
■ନିର୍ଜନତାର ସୁଯୋଗ ନେଇ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ-ଶୁଳିଆ ମୁଖ୍ୟ ରାସ୍ତା ଓ କଣ୍ଟିଲୋ ସତ୍‌ସଙ୍ଗ ବିହାର ନିକଟ ଏକ ପାହାଡ଼ ଉପରେ ରହିଛି କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ। ଦୀର୍ଘବର୍ଷରୁ ସ୍ଥାପିତ ଏହି ବିଦ୍ୟାଳୟକୁ ୨୦୨୩ ମସିହାରେ ୫-ଟି ଯୋଜନାରେ ସାମିଲ କରାଯାଇ ଏହାର ରୂପାନ୍ତରୀକରଣ କାର୍ଯ୍ୟ ଚାଲୁ ରହିଛି। ମୁଖ୍ୟ ରାସ୍ତାପାର୍ଶ୍ୱରେ ରହିଥିବା ପ୍ରବେଶ ପଥ ଗେଟ ଖୋଲାଯିବା ପରେ ସମସ୍ତ ଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ପାହାଡ଼ିଆ ରାସ୍ତାରେ ଚଢ଼ି ବିଦ୍ୟାଳୟକୁ ଯାଇଥାନ୍ତି। ତେବେ ରୂପାନ୍ତରୀକରଣ ଯୋଜନାରେ ପୁରାତନ ଗେଟ୍‌କୁ ଭାଙ୍ଗି ନୂତନ ଗେଟ ନିର୍ମାଣରେ ଅହେତୁକ ବିଳମ୍ବ ଘଟୁଛି। ଫଳରେ ଖୋଲା ପଡ଼ିଥିବା ରାସ୍ତା ଦେଇ ବିଭିନ୍ନ ଅସାମାଜିକ ଯୁବକ ତଥା ବ୍ୟକ୍ତି ନିର୍ଜନତାର ସୁଯୋଗ ନେଇ ପାହାଡ଼ ଉପରେ ଥିବା ବିଦ୍ୟାଳୟ ପରିସରରେ ଆଡ୍ଡା ଜମାଉଛନ୍ତି। ଶୁକ୍ରବାର ଦଶହରା ଛୁଟି ପରେ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ ଛାତ୍ରୀମାନେ ବିଦ୍ୟାଳୟକୁ ଆସିବା ସମୟରେ ବିଦ୍ୟାଳୟ ସମ୍ମୁଖ ଚଟାଣ ଓ ବାରଣ୍ଡାରେ ମଦ ବୋତଲ, ପ୍ଲାଷ୍ଟିକ ଜରି, ଗ୍ଲାସ ଓ ଭଙ୍ଗା କାଚ ବୋତଲ ଇତସ୍ତତଃ ଭାବରେ ପଡିଥିବା ପରିଲକ୍ଷିତ ହୋଇଥିଲା। ପାହାଡ଼ ଉପରେ ଥିବା ବିଦ୍ୟାଳୟ ପରିସରଟି ନିଛାଟିଆ ତଥା ସର୍ବସାଧାରଣଙ୍କ ନଜର ଆଢୁଆଳରେ ରହୁଛି। ଫଳରେ ଅସାମାଜିକ ବ୍ୟକ୍ତି ତଥା ମଦୁଆଙ୍କ ପାଇଁ ବରଦାନ ସଦୃଶ ପାଲଟିଥିବାରୁ ସଂପୃକ୍ତ ବ୍ୟକ୍ତିମାନେ ଆଡ୍ଡା ଜମାଉଥିବା ସାଧାରଣରେ ଆଲୋଚନା ହେଉଛି। ଉକ୍ତ ବିଦ୍ୟାଳୟରେ ରାତ୍ର ଜଗୁଆଳିର ବ୍ୟବସ୍ଥା ନ ଥିବାରୁ ବିଦ୍ୟାଳୟ କାର୍ଯ୍ୟାଳୟରେ ତଥା ବିଦ୍ୟାଳୟ ମଧ୍ୟରେ ରହିଥିବା ବିଭିନ୍ନ ମୂଲ୍ୟବାନ କାଗଜପତ୍ର ସହିତ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଓ ବିଭିନ୍ନ ସାମଗ୍ରୀ ସୁରକ୍ଷା ଦିଗରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶିକ୍ଷାର ବିକାଶ ତଥା ଉନ୍ନତି ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ଅପରପକ୍ଷରେ ମହିଳାମାନଙ୍କ ବିକାଶ ତଥା ପ୍ରଗତି ଲକ୍ଷ୍ୟରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣ୍ଟିଲୋ ଅଞ୍ଚଳରେ ବାଳିକାମାନଙ୍କ ଶିକ୍ଷାର ବିକାଶ ଲାଗି ସ୍ଥାନୀୟ ଅଞ୍ଚଳର ଜଣେ ବଦାନ୍ୟ ବ୍ୟକ୍ତି ସ୍ୱର୍ଗତ କୁଞ୍ଜବିହାରୀ ସାହୁ ୧୯୬୫ରେ କଣ୍ଟିଲୋ-ପାଟଣା ମଧ୍ୟସ୍ଥଳ ଏକ ପାହାଡ଼ ଉପରେ ପାହାଡ଼କୁ କାଟି ଏକ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଯାହାର ନାମ ପ୍ରତିଷ୍ଠାତାଙ୍କ ନାମ ଅନୁସାରେ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନାମିତ ହୋଇଛି। ପରବର୍ତ୍ତୀ ସମୟରେ ନିକଟରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସରକାରଙ୍କ ଯୋଜନା ମୁତାବକ ଏହି ବିଦ୍ୟାଳୟରେ ମିଶ୍ରଣ କରାଯାଇ ଏହାକୁ କୁଞ୍ଜ ବିହାରୀ ନୋଡାଲ ହାଇସ୍କୁଲର ମାନ୍ୟତା ଦିଆଯାଇଛି। ପ୍ରଥମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୯୨ଜଣ ଛାତ୍ରୀ ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି। ସମ୍ପୃକ୍ତ ବିଦ୍ୟାଳୟଟି ୧୯୯୪ରୁ ଟେକେନ୍‌ଓଭରର ମାନ୍ୟତା ପାଇଥିବାବେଳେ ଦୀର୍ଘ ୫୮ବର୍ଷର ସମ୍ପୃକ୍ତ ବିଦ୍ୟାଳୟ ସୁରକ୍ଷା ଦୃଷ୍ଟିରୁ ପ୍ରବେଶ ଫାଟକର ନିର୍ମାଣ ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା ଓ ମୋ ସ୍କୁଲ କମିଟିର ସଭାନେତ୍ରୀ ଉଜ୍ଜ୍ୱଳ ମହାରଣା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ହେଁ ଏଯାବତ କୌଣସି ସୁଫଳ ମିଳି ନାହିଁ। ଏ ସମ୍ପର୍କରେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷଙ୍କୁ ପଚାରିବାରେ ଆସନ୍ତା ୨୦ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।


ବିଦ୍ୟାଳୟ ପରିସରରେ ମଦ ଓ ପାଣି ବୋତଲ ଏବଂ ଗ୍ଲାସ ପଡ଼ିଛି।

# ଦୁର୍ଘଟଣାରୁ ବର୍ତ୍ତିଲା ସେବା ଏକ୍ସପ୍ରେସ୍

ନୟାଗଡ଼/ ଦଶପଲ୍ଲା,୨୦।୧୦
(ଲୋକନାଥ ମିଶ୍ର/
ପ୍ରକାଶ କୁମାର ପାଣି)

■ରେଳ ଧାରଣାରେ ପଥର ଯୋଗୁ ଫାଟିଲା ଏୟାର ପାଇପ୍
■ପଥର ହଟିବା ପରେ ୨ ଘଣ୍ଟା ବିଳମ୍ବରେ ଛାଡିଲା ଟ୍ରେନ

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଖମାରସାହି ସୁବଳୟା ମଧ୍ୟବର୍ତ୍ତୀ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ କେହି ପଥର ରଖିଥିବାରୁ ୧୮୪୨୩ ନଂ ସେବା ଏକ୍ସପ୍ରେସର ଏୟାର ପାଇପ ଫାଟି ଯାଇଥିଲା। ଟ୍ରେନ୍ ଚାଳକଙ୍କ ଉପସ୍ଥିତି ବୁଦ୍ଧି ଟ୍ରେନ୍ ଦୁର୍ଘଟଣାରୁ ବର୍ତ୍ତୀ ଯାଇଛି। ତେବେ ରେଳପଥରୁ ପଥର କଢ଼ାଯିବା ପରେ ଓ ରେଳ ମରାମତି ପରେ ପ୍ରାୟ ୨ ଘଣ୍ଟା ପରେ ଟ୍ରେନ ଚଳାଚଳ କରିଥିଲା। ଭୁବନେଶ୍ୱରରୁ ସେବା ଏକ୍ସପ୍ରେସ ସନ୍ଧ୍ୟାରେ ଦଶପଲ୍ଲା ଅଭିମୁଖେ ଆସୁଥିଲା। ଖମାରସାହି ସୁବଳୟା ମଧ୍ୟବର୍ତ୍ତୀ ଅଞ୍ଚଳରେ କେହି ପଥର ରଖିଥିବାବେଳେ ଟ୍ରେନ ଚାଳକ ଜାଣି ପାରି ନ ଥିଲେ। ପଥର ଯୋଗୁ ଟ୍ରେନ୍‌ର ଏୟାର ପାଇପ ଫାଟି ଯିବାବେଳେ ଚାଳକ ଟ୍ରେନକୁ ଅଟକାଇବାରେ ସକ୍ଷମ ହୋଇଥିଲେ। ଦଶପଲ୍ଲାରେ ରାତ୍ର ୯.୧୫ରେ ପହଞ୍ଚିବାକୁ ଥିବା ଟ୍ରେନ ମରାମତି ଓ ରେଳପଥରୁ ପଥର ହଟାଇବା ପରେ ୨ ଘଣ୍ଟା ବିଳମ୍ବରେ ପହଞ୍ଚି ଥିଲା। ଶନିବାର ସନ୍ଧ୍ୟାରେ ରେଳପଥରେ ପଥର କିଏ ଓ କାହିଁକି ରଖିଥିଲା ଜଣାପଡ଼ିନାହିଁ। ତେବେ ଏଭଳିଆ ଘଟଣା ଟ୍ରେନ ଯାତ୍ରା ପାଇଁ ନିରାପଦ ନୁହଁ ବୋଲି ମତ ପ୍ରକାଶ ପାଇଛି।

# ମୋବାଇଲ ଛଡ଼ାଇ ଆକାଉଣ୍ଟରୁ ୫୦ ହଜାର ନେଇଗଲେ

ବ୍ରହ୍ମପୁର,୨୦।୧୦
(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇ ୨ ଦୁବୃତ୍ତ ଫୋନ ପେ'ଦ୍ୱାରା ଆକାଉଣ୍ଟରୁ ୫୦ ହଜାର ଟଙ୍କା ନେଇଯାଇଛନ୍ତି। ଲୁଟର ଶିକାର ହୋଇଥିବା ସୂର୍ଯ୍ୟଦେବ କିରଣଦାନ ପାଢ଼ୀ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଲୁଟ ମୋବାଇଲ ଫୋନ୍ ନଂ. ଟ୍ରାକ୍ କରି ଲୁଟେରାଙ୍କୁ କାବୁ କରିବାକୁ ଉଦ୍ୟମ କରୁଛି। ପ୍ରକାଶ ଯେ, ଗୋସାଇଁନୂଆଗାଁ ଥାନା ଅନ୍ତର୍ଗତ ଚାଞ୍ଚଡାପଡିଆ ବିଶ୍ୱନାଥନଗରରେ ରହୁଥିବା ସୂର୍ଯ୍ୟଦେବ ଗତ ୩ ତାରିଖରେ ଗେଟବଜାରସ୍ଥିତ କୁଠାରୀ ମନ୍ଦିର ନିକଟକୁ ଯାଇଥିବା ବେଳେ ୨ ଦୁର୍ବୃତ୍ତ ପଛପଟୁ ଆସି ତାଙ୍କ ସାର୍ଟ ପକେଟରୁ ମୋବାଇଲ ଫୋନ୍ ଛଡାଇ ନେଇ ଚମ୍ପଟ ମାରିଥିଲେ। ଫୋନ୍ ଲୁଟ ହେବାର କିଛିଦିନ ପରେ ଦୁର୍ବୃତ୍ତମାନେ ମୋବାଇଲରେ ଥିବା ଫୋନ ପେ' ଦ୍ୱାରା ଆକାଉଣ୍ଟରୁ ୩ଥରରେ ୫୦ ହଜାର ଟଙ୍କା ନେଇଯାଇଥିଲେ । ୟୁପିଆଇ ଆପ ଦ୍ୱାରା ଟଙ୍କା ଉଠାଯାଉଥିବାରୁ ଏହା ମୋବାଇଲ ଲୁଟେରାଙ୍କ କାମ ବୋଲି ସନ୍ଦେହ କରି ସୂର୍ଯ୍ୟଦେବ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ.୩୦୧/୨୪ରେ ମାମଲା ରୁଜୁ ହୋଇଛି।

# ବଜ୍ରପାତରେ ଛାତରୁ ଖସିଲା କଂକ୍ରିଟ



ଓଡ଼ଗାଁ,୨୦।୧୦
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତ ମଦନଗାଡ଼ିଆ ବଜ୍ରପାତରେ ଛାତରୁ କଂକ୍ରିଟ ଖସିବା ସହ ନୂଆ ଓ ପୁରୁଣା କାନ୍ଥ ଏବଂ ଘର ଚଟାଣ ଫାଟି ଯାଇଥିବା ଜଣାଯାଇଛି। ରବିବାର ଅପରାହ୍ନରେ ଘଡ଼ଘଡ଼ି ସହିତ ବର୍ଷା ହେଉଥିବା ବେଳେ

## ଫାଟିଲା କାନ୍ଥ, ଚଟାଣ

ମଦନ ଗାଡ଼ିଆର ମଙ୍ଗୁଳି ଲେଙ୍କାଙ୍କ ଘର ଛାତକୁ ବଜ୍ରାଘାତ ହୋଇଥିଲା। ଫଳରେ ଶୋଇବା ଘର ଛାତ ତଳୁ ସିମେଣ୍ଟ କଂକ୍ରିଟ ଖସିଥିଲା। ଯଦିଓ ପରିବାର ଲୋକେ ସେଠାରେ ଥିଲେ ସୌଭାଗ୍ୟ ବଶତଃ କାହାର କୌଣସି କ୍ଷତି ହୋଇନାହିଁ। ପରେ ଦେଖିବା ବେଳକୁ ଘରର କାନ୍ଥ, ଚଟାଣ ମଧ ଫାଟିଥିବା ଦେଖିବାକୁ ମିଳିଥିଲା। ଖବର ପ୍ରଚାର ହେବା ପରେ ଗ୍ରାମବାସୀ ଘଟଣାସ୍ଥଳକୁ ଆସି ଦେଖିବା ପରେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ହେଲେ ଅଳ୍ପକେ ଜୀବନ ରକ୍ଷା ପାଇଥିବାରୁ ସମସ୍ତେ ଈଶ୍ୱରଙ୍କୁ କୃତଜ୍ଞତା ଜଣାଇଥିଲେ।

# ପ୍ରିମିୟର ଲିଗ୍ କ୍ରିକେଟ, ଅଶୋକ କିଙ୍ଗ୍ ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ଖଣ୍ଡପଡ଼ା,୨୦।୧୦
(ଅଜୟ କୁମାର ମହାରଣା)

## ପ୍ରିମିୟର ଲିଗ୍ କ୍ରିକେଟ, ଅଶୋକ କିଙ୍ଗ୍ ବିଜୟୀ

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ସାଇକୃପା କେପିଏଲ୍ କମିଟି ପକ୍ଷରୁ ରବିବାରଠାରୁ ସ୍ଥାନୀୟ ପଲଟନ ପଡ଼ିଆରେ ଆରମ୍ଭ ହୋଇଥିବା ୪ର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଅଶୋକ କିଙ୍ଗ୍ ଦଳ ୨ ଉଇକେଟରେ ଥଣ୍ଡର ବାଲୁଙ୍କେଶ୍ୱରକୁ ହରାଇ ରବିବାର ଖେଳରେ ବିଜୟୀ ହୋଇଛି। ଟସ୍ ଜିଣି ଅଶୋକ କିଙ୍ଗ୍ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୮ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା। ଜବାବରେ ଥଣ୍ଡର ବାଲୁଙ୍କେଶ୍ୱର ଦଳ ୧୫ ଓଭରରେ ୯ ଉଇକେଟ ବିନିମୟରେ ୯୨ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଅଶୋକ କିଙ୍ଗ୍ ଦଳର ବିଭୁ ପ୍ରସାଦ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଅଶୋକ କୁମାର ବାରିକ ଓ ଚନ୍ଦନ ଦଳେଇ ପରିଚାଳନା କରିଥିଲେ। ଆଜିର ଉଦ୍‌ଘାଟନୀ ମ୍ୟାଚରେ ଅତିଥି ଭାବେ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ମାନସ କୁମାର ସାହୁ ଓ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଶତପଥୀ ଲାୟନ୍ସ ଏବଂ ଦି ରୟାଲ କିଙ୍ଗ ସହ ମୁକାବିଲା ହେବ ବୋଲି ପରିଚାଳକ ସରୋଜ କୁମାର ମହାରଣାଙ୍କଠାରୁ ପ୍ରକାଶ।

# ୨ ପିକ୍‌ଅପ୍ ଭ୍ୟାନ ସହ ୩୩ ଗୋରୁ ଉଦ୍ଧାର, ୨ କୋର୍ଟଚଲାଣ

ଗଣିଆ,୨୦।୧୦
(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ଥାନା ପୋଲିସ ଗୋରୁ ବୋଝେଇ ହୋଇ ଯାଉଥିବା ୨ଟି ପିକଅପ ଭ୍ୟାନକୁ ଜବତ କରିଛି। ରବିବାର ଭୋରୁ ବୌଦ୍ଧ ଜିଲା ପୁରୁଣା କଟକରୁ କଟକ ଜିଲା ତିଗିରିଆକୁ ୨ଟି ପିକଅପ୍ ଭ୍ୟାନରେ ବେଆଇନ୍ ଗୋରୁ ଚାଲାଣ ହେଉଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇଁ ଆଇଆଇସି ଲକ୍ଷ୍ମଣ ଦଣ୍ଡସେଣା ଓ ଏଏସ୍‌ଆଇ ମନୋରଞ୍ଜନ ପ୍ରଧାନଙ୍କ ସମେତ ଗଣିଆ ପୋଲିସ କର୍ମଚାରୀ ଗଣିଆ ବ୍ଲକସ୍ଥିତ କଲେଜ ନିକଟରେ ଲୁଚି ରହିଥିଲେ। ବିପରୀତ ଦିଗରୁ ଆସୁଥିବା ୨ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଅଟକାଇ ଥିଲେ। ଗୋରୁ ବୋଝେଇ ୨ଟି ପିକ୍‌ଅପ୍ ଭ୍ୟାନ ସହିତ ସେଥିରରୁ ୩୩ଟି ଗୋରୁଙ୍କୁ ଜବତ କରିବା ସହ ୨ଜଣକୁ ଧରିଥିବା ବେଳେ ଜଣେ ଫେରାର ହୋଇଯାଇଛନ୍ତି। ଅଟକ ୨ଜଣ ବ୍ୟକ୍ତି ହେଲେ ବୌଦ୍ଧ ଜିଲା ପୁରୁଣାକଟକର ସତ୍ୟନାରାୟଣ ବେହେରା (୪୫) ଓ ଫୁଲଝରିଆ ଗ୍ରାମର ସୁଶାନ୍ତ ବେହେରା (୩୮)। ଉଭୟ ଗୋରୁଙ୍କୁ କଟକ ଜିଲା ତିଗିରିଆକୁ ନେଉଥିବା ଆଇଆଇସି ଦଣ୍ଡସେଣା କହିଛନ୍ତି। ତେବେ ଉଦ୍ଧାର ହୋଇଥିବା ୩୩ ଗୋରୁଙ୍କୁ ଖଣ୍ଡପଡ଼ା ବ୍ଲକ ଅଧୀନ ଶିଙ୍ଗିବାଡ଼ି ଗୋଶାଳାରେ ଛାଡା ଯାଇଥିବା ଆଇଆଇସି ଦଣ୍ଡସେଣା କହିଛନ୍ତି। ତେବେ ଥାନାରେ ଅଟକ ଥିବା ୨ଜଣ ଡ୍ରାଇଭରଙ୍କୁ ରବିବାର ଅପରାହ୍ନରେ ନଂ.୧୨୨/୨୪ରେ ଏକ ମାମଲା ରୁଜୁ କରି ଦଶପଲ୍ଲା ବିଚାର ବିଭାଗୀୟ ଅଦାଲତକୁ ଚାଲାଣ କରାଯାଇଥିଲା।


ଦୁଇ ପିକ୍‌ଅପ୍ ଭ୍ୟାନ୍ ସହ ଗିରଫ ହୋଇଥିବା ଚାଳକ।

# କୁକୁର ଜନ୍ମ ଦେଲା ୧୮ ଛୁଆ



ଖଣ୍ଡପଡ଼ା,୨୦।୧୦(ଅଜୟ କୁମାର ମହାରଣା)

## ଛୁଆଙ୍କ ଲାଳନ ପାଳନ ଦାୟିତ୍ୱ ନେଲେ କର୍ମଚାରୀ

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପରିବେଶ ପର୍ଯ୍ୟଟନସ୍ଥଳ ପରିସରରେ ରହୁଥିବା ଏକ କୁକୁର ଏକ ସଙ୍ଗରେ ୧୮ଟି ଛୁଆ ଜନ୍ମ ଦେଇଥିବା ସ୍ଥାନୀୟ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଏକ ସଙ୍ଗରେ ୧୮ ଟି ଛୁଆ ଜନ୍ମ ହୋଇଥିବାରୁ ନବଜାତକଙ୍କର ଲାଳନ ପାଳନ ଦାୟିତ୍ୱ ଇକୋ ଟୁରିଜିମ କେନ୍ଦ୍ରରେ ରହୁଥିବା କର୍ମଚାରୀମାନେ ନେଇଥିବା ଜଣାପଡ଼ିଛି।

# ଜାକେଡ଼ାରେ ଶାଳ ଗଛ କଟାକୁ ନେଇ ଉତ୍ତେଜନା

ନୟାଗଡ଼,୨୦।୧୦(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜ ଗୋଡ଼ିପଡ଼ା ଫାଣ୍ଡିର ଜାକେଡ଼ା ଗାଁରେ ୨ଟି ଶାଳ ଗଛ କାଟିବାକୁ ନେଇ ଉତ୍ତେଜନା ଦେଖା ଦେଇଛି। ଜଣେ ଲୋକ ପ୍ରତିନିଧି ନିଜ ଜାଗା ଦର୍ଶାଇ ଶାଳ ଗଛ କାଟିବା ପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଗାଁ ଲୋକମାନେ ଶାଳ ଗଛକୁ ଗାଁର କୋଠ ସମ୍ପତ୍ତି ବୋଲି ଦାବି କରି ଆସୁଛନ୍ତି। କଟା ଯାଇଥିବା ଗଛ କାହାର ସେ ନେଇ ବିବାଦ ବଢୁଥିବାବେଳେ ଡିମାରକେଶନ ପାଇଁ ଦାବି ଉଠିଛି। ଡିମାରକେଶନ ପରେ କାଠ କାର ଜଣାପଡ଼ିବ ବୋଲି କୁହାଯାଉଛି। ଏଭଳିସ୍ଥଳେ ବନ ବିଭାଗ ନିଜ ହେପାଜତରେ କାଠକୁ ରଖି ଘଟଣାର ତଦନ୍ତ କରୁଛି।



# ପାଚିକା, ସହାୟିକା ମହାସଂଘର ବ୍ଲକସ୍ତରୀୟ ସମ୍ମିଳନୀ

ଗୁଡାରି,୨୦।୧୦ (ପ୍ରମୋଦ କୁମାର ପତି)

ଦକ୍ଷିଣ ଓଡ଼ିଶା ପାଚିକା ଓ ସହାୟିକା ମହାସଂଘ ପକ୍ଷରୁ ରବିବାର ଗୁଡାରି ନୂତନ ବସ୍‌ଷ୍ଟାଣ୍ଡଠାରେ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ଦକ୍ଷିଣ ଓଡ଼ିଶା ଉପଦେଷ୍ଟା ତ୍ରିପତି ଗମାଙ୍ଗ ଓ ବୃନ୍ଦାବନ ବିଡିକା କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସରକାରଙ୍କ ଶ୍ରମିକ ଓ ଜନ ବିରୋଧୀ ନୀତି ବିରୋଧରେ ତୀବ୍ର ସମାଲୋଚନା କରିଥିଲେ। ଆସନ୍ତା ନଭେମ୍ବରରେ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବା ଲାଗି ଆହ୍ୱାନ ଦେଇଥିଲେ। ମୁଖ୍ୟତଃ ୧୫ ଦଫା ନେଇ ସେମାନେ ନିଜ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ରହିଛି ପାଚିକା ଓ ସହାୟିକାଙ୍କୁ ସରକାରୀ ମାନ୍ୟତା ଓ ମାସିକ ୨୬ ହଜାର ଟଙ୍କା ପ୍ରଦାନ, ସ୍କୁଲ ବନ୍ଦ ଓ ସ୍କୁଲ ମିଶ୍ରଣ ଫଳରେ ବାଦ୍ ପଡିଥିବା ସମସ୍ତ ପାଚିକାଙ୍କୁ ଅନ୍ୟତ୍ର ନିଶ୍ଚିତ ନିଯୁକ୍ତି, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ୨୦୦୯ ଡିସେମ୍ବରଠାରୁ ୨୦୧୭ ଡିସେମ୍ବର ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ୪୦% ଭାଗ ବକେୟା ପାରିଶ୍ରମିକ ପ୍ରଦାନ କରାଯାଉ, ନୂତନ ଶିକ୍ଷା ନୀତି ୨୦୨୦ ବାତିଲ କରାଯାଉ, ପିଲାସଂଖ୍ୟା କମ୍ ପାଇଁ ବନ୍ଦ ହୋଇଥିବା ୯୬୬ ଓ ୧୪୩୭୯ ପ୍ରାଥମିକ ବିଦ୍ୟାଳୟକୁ ତୁରନ୍ତ ଖୋଲାଯାଇ ପାଚିକାମାନଙ୍କୁ ନିଯୁକ୍ତି ଦିଆଯାଉ ଇତ୍ୟାଦି। ଏହି କାର୍ଯ୍ୟକ୍ରମରେ ମୁନି ଶବର (ସଭାପତି), ମୁକ୍ତା ଶବର, ସବିତା ଶବର, ରୀନା ଶବର, ସେବତୀ ଶବର, ପୁଷ୍ପା ତୋଇକା, ସନ୍ତୋଷୀ କୈବର୍ତ୍ତ, ଏ. ସାବିତ୍ରୀ, ରିନୁ କିମ୍ବାକା, କରୁଣାକର ଲିମା ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ମିଳନୀରେ ଯୋଗ ଦେଇଥିବା ସଂଘର ସଦସ୍ୟ।।

# ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା

ଶରଣକୁଳ, ୨୦।୧୦(ଦୀପକ କର)

ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପକ୍ଷରୁ ରବିବାର ଶରଣକୁଳ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ସହଳ ପଶ୍ଚିମବଙ୍ଗ ତଥା ସାରା ଓଡ଼ିଶାରେ ୧୬୨ଟି କେନ୍ଦ୍ରରେ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୮୫୦୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ରାଜ୍ୟରେ ୭୯୫୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି ବୋଲି ପରୀକ୍ଷା ନିୟନ୍ତ୍ରକ ଡ.ସୁରେଶ ଚନ୍ଦ୍ର ବରାଡ଼ ପ୍ରକାଶ କରିଛନ୍ତି। ଏଥିସହ ବିଦେଶରୁ ୧୩୮ ଜଣ ଜଗନ୍ନାଥ ଭକ୍ତ ଅନ୍‌ଲାଇନରେ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲାବେଳେ ୮୮ ଜଣ ବିଭିନ୍ନ ଦେଶରୁ ପରୀକ୍ଷା ଦେଇଛନ୍ତି। ଅଫ୍‌ଲାଇନ ଓ ଅନ୍‌ଲାଇନ ପରୀକ୍ଷା ଏକ ସମୟରେ ହୋଇଥିଲା। ସେଥିପାଇଁ ତ୍ରିସ୍ତରୀୟ ସ୍କ୍ୱାଡ ବ୍ୟବସ୍ଥା କରାଯାଇଥିଲା। ନୟାଗଡ଼ ଜିଲାରେ ବିଭିନ୍ନ ବ୍ଲକରେ ୪୨ଟି କେନ୍ଦ୍ରରେ ୧୭୦୦ ଜଣ ପରୀକ୍ଷାର୍ଥୀ ଉକ୍ତ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲାବେଳେ ୧୫୨୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ବୋଲି ବିଭିନ୍ନ ପରୀକ୍ଷା କେନ୍ଦ୍ରରୁ ମିଳିଥିବା ସୂଚନାରୁ ସ୍ପଷ୍ଟ ହୋଇଛି। ଏଥିପାଇଁ ୪୨ଜଣ ପରୀକ୍ଷା ନିୟନ୍ତ୍ରକଙ୍କୁ ନିଯୁକ୍ତି ଦିଆଯାଇଥିଲାବେଳେ ୮ଜଣ ପର୍ଯ୍ୟବେକ୍ଷକଙ୍କୁ କେନ୍ଦ୍ରଗୁଡ଼ିକରେ କପି ରୋକିବାକୁ ନିୟୋଜିତ କରାଯାଇଥିଲା। ପରୀକ୍ଷା ନିୟନ୍ତ୍ରକ ଡ. ବରାଡ଼ ପରୀକ୍ଷାର ସମସ୍ତ ବ୍ୟବସ୍ଥା ନିୟନ୍ତ୍ରଣ କରିଥିଲେ। ପରୀକ୍ଷା ପୂର୍ବାହ୍ନ ୧୧ରୁ ଆରମ୍ଭ ହୋଇ ୧୨ଟାରେ ଶେଷ ହୋଇଥିଲା। ଓଡ଼ଗାଁ ବ୍ଲକରେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଶିବରାମ ସାହୁ ଓ ଦଶପଲ୍ଲା ଦାୟିତ୍ୱରେ କେନ୍ଦ୍ର ସଦସ୍ୟ ରାମକୃଷ୍ଣ ସାହୁ ରହିଥିଲେ। ସମଗ୍ର ଜିଲାର ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ଜିଲା ସମ୍ପାଦକ ଡ.ପ୍ରମୋଦ କୁମାର ପାଳ ପରିଚାଳନା କରିଥିଲେ।


ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ବସି ଶ୍ରୀ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଦେଉଛନ୍ତି।


କେନ୍ଦ୍ରାପଡ଼ା ଦୁହୁରିଆ ରେଳ ଲାଇନ ଗଜଲକ୍ଷ୍ମୀ ମଣ୍ଡପ।


ଚଉଦକୁଲାଟ ।


ଗଙ୍ଗାଭାଗୀରଥି।


ନରସିଂହପୁରା।


ବାଟମଙ୍ଗଳା।


ବାୟାମଠ।


ବ୍ଲକ ଛକ।


ବ୍ଲକ ରୋଡ।


ଏକାନଖଣ୍ଡୀ।


ଗୋପ ଛକ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଶୁତୋଷ


@ ଦେବରାଜ


@ ରାମବାବୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓସିଏସ୍ ପରୀକ୍ଷାରେ ବରୀରୁ ୩ କୃତକାର୍ଯ୍ୟ


ଶୁଭଦର୍ଶିନୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।



ଅରମାନ ଦେବପୁହାଣ, ନିତ୍ୟରଞ୍ଜନ ସାମଲ

**ବରୀ,୨୦।୧୦(ମହେନ୍ଦ୍ର ସ୍ୱାଇଁ):** ଯାଜପୁର ଜିଲା ବରୀ ବ୍ଲକ୍ ଅଞ୍ଚଳର ୩ଜଣ ଛାତ୍ରୀଛାତ୍ର ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ବାଲିବିଲ ପଞ୍ଚାୟତର ନିତ୍ୟରଞ୍ଜନ ସାମଲ, ମନ୍ଦାରୀ ପଞ୍ଚାୟତର ଶୁଭଦର୍ଶିନୀ ଦାସ ଓ ବରୀ ପଞ୍ଚାୟତର ଅରମାନ ଦେବପୁହାଣ। ପରୀକ୍ଷାରେ ନିତ୍ୟରଞ୍ଜନ ୩୬ ସ୍ଥାନ ଅଧିକାର କରିଥିବାବେଳେ ଶୁଭଦର୍ଶିନୀ ୪୩ ଓ ଅରମାନ ୩୬୫ ସ୍ଥାନ ଅଧିକାର କରିଛନ୍ତି। ରବିବାର ଶୁଭଦର୍ଶିନୀ ନିଜ ଗାଁକୁ ଫେରିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଅଜାଣ ଛକଠାରୁ ସ୍ୱାଗତ କରି ଗ୍ରାମ ପରିକ୍ରମା କରାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ସେ ଶହୀଦ ମାୟାଧର ଭୂୟାଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଧୀରେନ୍ଦ୍ର ନାଥ ଜେନା, ପ୍ରାକ୍ତନ ଶିକ୍ଷକ ଅନିରୁଦ୍ଧ ମଲ୍ଲ, ଯୁବସାମାଜିକ କର୍ମୀ ହରିହର ପଣ୍ଡା, ଅଜୟ ମଲ୍ଲ, ଫକୀର ସିଂ, ଶିବପ୍ରସାଦ ନାୟକ ଓ ନୃସିଂହ ଦାସଙ୍କ ସମେତ ପରିବାର ସଦସ୍ୟ ତାଙ୍କୁ ପାଛୋଟି ନେଇଛନ୍ତି।

# ବଡ଼ଚଣା ବ୍ଲକ୍ ଅଞ୍ଚଳର ୩ ଜଣଙ୍କୁ ସଫଳତା

**ଚଣ୍ଡିଖୋଲ,୨୦।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ବ୍ଲକ ଅଞ୍ଚଳରେ ୩ଜଣ ଓଡ଼ିଶା ସିଭିଲ୍ ସର୍ଭିସ(ଓସିଏସ୍) ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ଏହି ବ୍ଲକ ଅନ୍ତର୍ଗତ ଅଣକା ଗ୍ରାମର ଅକ୍ଷୟ କୁମାର ନାୟକ ଓ ପୁଷ୍ପଲତା ନାୟକଙ୍କ ପୁଅ ଅର୍ଦ୍ଧେନ୍ଦୁ ଶେଖର ନାୟକ। ଅର୍ଦ୍ଧେନ୍ଦୁ ୨୧୬ ର୍‌ୟାଙ୍କ ପାଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏବେ ସେ ଧର୍ମଗଡ଼ରେ କୃଷି ବିଭାଗ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ଏହି ବ୍ଲକ ଅନ୍ତର୍ଗତ ସାଉଡ଼ିଆ ପଞ୍ଚାୟତ ମୂଷା ଟିକିରି ଗ୍ରାମର ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ଓ ଶିକ୍ଷୟିତ୍ରୀ ଜୟନ୍ତୀ ଦାସଙ୍କ ଝିଅ ସ୍ୱସ୍ତି ମହାପାତ୍ର। ସ୍ୱସ୍ତି ୧୦୮ ର୍‌ୟାଙ୍କ ରଖି ସଫଳତା ହାସଲ କରିଛନ୍ତି। ସେ ପଞ୍ଜାବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଉଦ୍ଭିଦ ବିଜ୍ଞାନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିଭଳି ଏହି ବ୍ଲକ ଅନ୍ତର୍ଗତ ବରୁଣିଆ ଗ୍ରାମର କ୍ଷେତ୍ରବାସୀ ଦାସ ଓ ଜୟନ୍ତୀ ଦାସଙ୍କ ପୁଅ ଜୀବନେନ୍ଦୁ ଦାସ। ତାଙ୍କ ବାପା ଓ ମା’ ଶିକ୍ଷକଶିକ୍ଷୟିତ୍ରୀ। ଜୀବନେନ୍ଦୁ ଏବେ ଓକିଲାତିକୁ ପେଶା ଭାବେ ଗ୍ରହଣ କରିଛନ୍ତି।




ଅର୍ଦ୍ଧେନ୍ଦୁଶେଖର ନାୟକ, ଜୀବନେନ୍ଦୁ ଦାସ, ସ୍ୱସ୍ତି ମହାପାତ୍ର

# ଆଳିର ୪ ଛାତ୍ରୀଛାତ୍ର ପାଇଲେ ଓଏଏସ୍

**ଆଳି,୨୦।୧୦ (ବନମାଳୀ ସେନାପତି)**


ପି.କେ. ହିତାଂଶୁ


ପ୍ରଣବ କୁମାର ପଣ୍ଡା


ବର୍ଷା ସେନାପତି


ଉମେଶ ଲେଙ୍କା।

ଆଳି ବ୍ଲକ ଅଞ୍ଚଳରୁ ୪ ଜଣ ଛାତ୍ରୀଛାତ୍ର ଚଳିତଥର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ଅର୍ଜନ କରି କେନ୍ଦ୍ରାପଡ଼ା ଜିଲାର ଗୌରବ ବୃଦ୍ଧି କରିଛନ୍ତି। ଆଳି ବ୍ଲକ ଅନ୍ତର୍ଗତ ଦେମାଳ ଗାଁର ସଫଳ ବ୍ୟବସାୟୀ ଆଦିକନ୍ଦ ପଣ୍ଡା ଓ କବୟିତ୍ରୀ କଳ୍ପନା ପଣ୍ଡାଙ୍କ କନିଷ୍ଠ ପୁତ୍ର ପ୍ରଣବ କୁମାର ପଣ୍ଡା ୨୮୫ ର୍‌ୟାଙ୍କ୍ ରଖି ସଫଳ ହୋଇଛନ୍ତି। ଗିରିବନ୍ଧ ଗ୍ରାମର ରବୀନ୍ଦ୍ର କୁମାର ସେନାପତି ଓ ମା’ ଉର୍ମିଳା ସେନାପତିଙ୍କ କନ୍ୟା ବର୍ଷା ସେନାପତି ୫୦୬ ର୍‌ୟାଙ୍କ୍ ରଖି ସଫଳ ହୋଇଛନ୍ତି। ଉଭୟ ପ୍ରଣବ ଓ ବର୍ଷା ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସେମାନଙ୍କର ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ସେମାନଙ୍କର ଏହି ସଫଳତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁମାଗୁରୁଜୀ ଓ ପରିଚାଳନା ପରିଷଦର ସଦସ୍ୟାସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଚଣ୍ଡିଆଗଡ଼ି ଗ୍ରାମର ସର୍ବେଶ୍ୱର ଲେଙ୍କାଙ୍କ ପୁଅ ଉମେଶ ଚନ୍ଦ୍ର ଲେଙ୍କା ୩୦୫ ର୍‌ୟାଙ୍କ୍ ରଖି ସଫଳ ହୋଇଥିବା ବେଳେ ମାଣିକପାଟଣା ଗ୍ରାମର ପ୍ରତାପ ଜେନା ଓ କବିତା ଖିଲାରଙ୍କ ପୁଅ ପି.କେ. ହିତାଂଶୁ ୨୩୧ ର୍‌ୟାଙ୍କ୍ ରଖି ସଫଳତା ହାସଲ କରିଛନ୍ତି। ଗୋଟିଏ ଥର ଆଳି ବ୍ଲକ ଅଞ୍ଚଳରୁ ୪ ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ସଫଳ ହୋଇ ଅଞ୍ଚଳକୁ ଗୌରବମଣ୍ଡିତ କରିଥିବାରୁ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ସ୍ୱାଗତିକା ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁମନ୍ତ ରାଉତ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୨୫୭ତମ ସ୍ଥାନରେ ସୂର୍ଯ୍ୟାଙ୍କିତା



**ଯାଜପୁର ସଦର,୨୦।୧୦(ସମର ବିଜୟ ଶରଣ):** ଯାଜପୁର ବ୍ଲକ୍ ସୁଜନପୁର ପଞ୍ଚାୟତ ହସନପୁର ଗାଁର ଅଞ୍ଜନ ସାହୁଙ୍କ ଝିଅ ସୂର୍ଯ୍ୟାଙ୍କିତା ସାହୁ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୨୫୭ତମ ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି। ସୂର୍ଯ୍ୟାଙ୍କିତା ସରକାରୀ ବିଦ୍ୟାଳୟରେ ପାଠ ପଢ଼ା ଆରମ୍ଭ କରି ରମାଦେବୀ ମହିଳା ମହାବିଦ୍ୟାଳୟ, ଧର୍ମଶାଳା ମହାବିଦ୍ୟାଳୟ ଓ ବିଜେବି ମହାବିଦ୍ୟାଳୟରେ ଅଧ୍ୟୟନ ପରେ ଓଏଏସ ପାଇଁ ୨୦୧୯ରୁ ଅଧ୍ୟୟନ ଆରମ୍ଭ କରିଥିଲେ। ନିଜର ଏକାଗ୍ରତା ଓ ନିଷ୍ଠାପର ଉଦ୍ୟମ ଯୋଗୁ ସେ ସଫଳତା ପାଇଛନ୍ତି। ସେ ତାଙ୍କ ବାପା,ମା’ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି। ତାଙ୍କ ସଫଳତା ଖବର ପ୍ରଚାରିତ ହେବାପରେ ଗାଁରେ ଆନନ୍ଦର ଲହରି ଖେଳିଯାଇଛି।

# ଓସିଏସ୍ କୃତକାର୍ଯ୍ୟ ନିବେଦିତାଙ୍କୁ ଶୁଭେଚ୍ଛା


ଧର୍ମଶାଳା ତହସିଲଦାର ନିବେଦିତା ଶତପଥୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

**ଧର୍ମଶାଳା,୨୦।୬(ବଟକୃଷ୍ଣ ପରିଡ଼ା):** ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ୨୦୨୨ର ଫଳ ପ୍ରକାଶ ପାଇଛି। ଏଥିରେ ଧର୍ମଶାଳା ବ୍ଲକ୍ ଜାମୁବଣିଆରେ ରହୁଥିବା ଡ୍ରେନେଜ୍ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ସୁରେନ୍ଦ୍ର ଶତପଥୀଙ୍କ ଝିଅ ନିବେଦିତା ଶତପଥୀ ୧୩୨ ର୍‌ୟାଙ୍କ୍ ରଖି ସଫଳତା ହାସଲ କରିଛନ୍ତି। ନିବେଦିତା ଜାରକା ହାଇସ୍କୁଲରୁ ୭୯ ପ୍ରତିଶତ ନମ୍ବର ରଖି ମାଟ୍ରିକ୍, ଧର୍ମଶାଳା ମହାବିଦ୍ୟାଳୟରୁ ଯୁକ୍ତ ୨ ବିଜ୍ଞାନରେ ୭୫ ପ୍ରତିଶତ, ଯୁକ୍ତ ୩ ବିଜ୍ଞାନରେ ୭୪ ପ୍ରତିଶତ ମାର୍କ ରଖି ପାସ୍ କରିଥିଲେ। ନିବେଦିତାଙ୍କ ସଫଳତା ନେଇ ରବିବାର ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି, ମୁଖ୍ୟ କିରାଣି ଲୋକନାଥ ମହାପାତ୍ର ନିବେଦିତାଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇବା ସହ ତାଙ୍କୁ ସଫଳ ପ୍ରଶାସକ ହେବାକୁ ମାର୍ଗ ଦେଖାଇଛନ୍ତି। ସେହିପରି ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସ୍ୱରୁପାନନ୍ଦ ପଣ୍ଡା, ଅବସରପ୍ରାପ୍ତ ଅଧ୍ୟକ୍ଷ ଜୟନ୍ତ ସାହୁ, ଅଧ୍ୟାପକ ସନ୍ତୋଷ ଦାଶ ଓ ସରୋଜ ରଣା ତାଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି। ଜାରକା ରୋଟାରି କ୍ଲବ ପକ୍ଷରୁ ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ସଭ୍ୟ ଅମୂଲ୍ୟ ମହାରଣା, ହରିହର ପଣ୍ଡା ଏବଂ ଧର୍ମଶାଳା ପ୍ରେସ୍‌କ୍ଲବ ପକ୍ଷରୁ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ସମ୍ପାଦକ ଅବିନେଶ୍ୱର ଶତପଥୀ ନିବେଦିତାଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି। ନିବେଦିତା ପ୍ରଥମ ଉଦ୍ୟମରେ ଓସିଏସ୍ ପାଇଥିବାରୁ ସେ ତାଙ୍କ ମାତା, ପିତା, ଭାଇ, ଶିକ୍ଷୟିତ୍ରୀଶିକ୍ଷକ ଓ ଅଧ୍ୟାପିକାଅଧ୍ୟାପକଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି।

# କୃତିତ୍ୱ ଅର୍ଜନ କଲେ ଅଲିଭା

**ପାଣିକୋଇଲି,୨୦।୧୦(ବିକାଶ ମଲ୍ଲିକ):** ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ମାଳଆନନ୍ଦପୁର ଗ୍ରାମର ଝିଅ ଅଲିଭା ଜେନା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ଗ୍ରାମର ଅକ୍ଷୟ ଜେନା ଓ ଅନୁଶ୍ରୀ ଜେନାଙ୍କ ଝିଅ ଅଲିଭା ୪୩୬ ର୍‌ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। ଜଣେ ମେଧାବୀ ଛାତ୍ରୀଭାବେ ପରିଚିତ ଅଲିଭା ବ୍ୟାସନଗରସ୍ଥିତ ଧବଳଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଶିକ୍ଷା ଆରମ୍ଭ କରି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକ ଓ ରେଭେନ୍ସା ମହାବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକୋତ୍ତରର ପାସ କରିବା ପରେ ସିଭିଲ ସର୍ଭିସ ପରୀକ୍ଷା ଲାଗି ନିଜକୁ ପ୍ରସ୍ତୁତ କରୁଥିଲେ। ଅଲିଭାଙ୍କ ବାପା ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ ମା’ ଶିକ୍ଷୟିତ୍ରୀଭାବେ ଅବସ୍ଥାପିତ। ନିଜର ଉଦ୍ୟମ ଓ ଅଧ୍ୟବସାୟ ବଳରେ ଅଲିଭା କୃତକାର୍ଯ୍ୟ ହୋଇଥିବାରୁ ବହୁ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ସମ୍ବଲପୁରୀ ନୃତ୍ୟ, ସଙ୍ଗୀତରେ ଦର୍ଶକ ମନ୍ତ୍ରମୁଗ୍ଧ


କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ।


ନୂଆଖାଇ ପର୍ବରେ ସାମିଲ ମହିଳାମାନେ ।

## ବ୍ୟାସନଗରରେ ନୂଆଁଖାଇ ଭେଟଘାଟ

**ଯାଜପୁର,୨୦।୧୦ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ବ୍ୟାସନଗର ନୂଆଁଖାଇ ପରିବାର ପକ୍ଷରୁ ରବିବାର ଯାଜପୁର ରୋଡ ସଂସ୍କୃତି ଭବନରେ ୫ମ ନୂଆଁଖାଇ ଭେଟଘାଟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ପାଳିତ ହୋଇଯାଇଛି। ପରିବାରର ସୁବୋଧ କୁମାର ପଣ୍ଡା, ଉମାରାଣୀ ଦେବତା ଓ ସଂସ୍କୃତି ପଣ୍ଡାଙ୍କ ସଂଯୋଜନାରେ ସମ୍ବଲପୁରର ଗୁରୁ ଆଲୋକ ପଣ୍ଡାଙ୍କ ଟ୍ରାଇବାଲ ଆଣ୍ଡ ଫୋକ୍ ଆର୍ଟ ସେଣ୍ଟର ପକ୍ଷରୁ ଅନୁଷ୍ଠିତ ନାଚଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ବିଭିନ୍ନ ଲୋକଗୀତର ତାଳ, ବାଦ୍ୟ, ଛନ୍ଦ ଓ ଛଟା ଶ୍ରୋତାଙ୍କୁ ବିମୁଗ୍ଧ କରିଥିଲା। ସମ୍ବଲପୁର ନୃତ୍ୟ ଅନୁଷ୍ଠାନ ପକ୍ଷରୁ ନାଚରେ ଜ୍ୟୋତିରାଣୀ ପଟ୍ଟନାୟକ, ଚୁମକି ନାହାକ, କରିସ୍ମା ବେହେରା, ରୀତା ସାହୁ, ଲିଟିକା ସେନାପତି ଓ ସ୍ୱପ୍ନାରାଣୀ ବହିଦାର, କଣ୍ଠଶିଳ୍ପୀ ଶ୍ରୀକାନ୍ତ ସା, ତାରିଣୀ ସାହୁ ଓ ରଞ୍ଜିତା ଶତପଥୀ, ଢୋଲ, ନିଶାନ ଓ ଅନ୍ୟାନ୍ୟ ବାଦ୍ୟଯନ୍ତ୍ରରେ ଧର୍ମେନ୍ଦ୍ର ମହାକୁଡ଼, ଆକାଶ କଞ୍ଚବିଆ, ହେମନ୍ତ ନାୟକ, ରୁଦ୍ର କଲେତ, ସରୋଜ ବେହେରା, ନିରାକାର ମାଝୀ, ସୌମ୍ୟରଞ୍ଜନ ସେଠୀ ଓ ନକୁଳ ମହାନନ୍ଦିଆ ଭାଗ ନେଇଥିଲେ। ପ୍ରଥମେ ମା ସମଲେଇଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରାଯାଇ ନବାନ୍ନ ଭୋଗ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିବାର ପକ୍ଷରୁ ସମସ୍ତ ସଦସ୍ୟାସଦସ୍ୟ ସହଯୋଗ କରିଥିଲେ।

# ନାମଫଳକରେ ଝୁଲୁଛି ବର୍ନ ୱାର୍ଡ

ନୟାଗଡ଼,୨୦।୧୦(ଲୋକନାଥ ମିଶ୍ର)

■ପୋଡାଜଳା ରୋଗୀଙ୍କୁ କରାଯାଉଛି ରେଫର
■ଗୁରୁତ୍ୱପୂର୍ଣ୍ଣ ୮ ଘଣ୍ଟା ଭିତରେ ମିଳୁନି ସେବା
■ଜଳୀୟ ଅଂଶ ହ୍ରାସ ନେଉଛି ରୋଗୀଙ୍କ ଜୀବନ




ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ର ବର୍ନ ୱାର୍ଡ (ପୋଡ଼ାଜଳା ଅନ୍ତ ର୍ବିଭାଗ) ନାମଫଳକରେ ଝୁଲୁଥିବା ଅଭିଯୋଗ ହୋଇ ଆସୁଛି। ପୋଡ଼ାଜଳା ରୋଗୀଙ୍କୁ ଚିକିତ୍ସା ନ କରି ରେଫର କରାଯିବା ପରି ଅଭିଯୋଗ ଉଠିଛି। ଜଳାପୋଡ଼ା ରୋଗୀଙ୍କ ପାଇଁ ୮ ଘଣ୍ଟା ସମୟ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ନ ଦେଇ ରେଫର କରାଯାଉଥିବାରୁ ଜଳୀୟ ଅଂଶ ହ୍ରାସ ଅନେକ ରୋଗୀଙ୍କ ଜୀବନ ନେଉଛି। ଏଭଳି ଘଟଣା ନୟାଗଡ଼ ଜିଲାରେ ଘଟି ଚାଲିଥିଲେ ମଧ୍ୟ ଏହାର ନିରାକରଣ ପାଇଁ ପଦକ୍ଷେପ ନାହିଁ।

ଏ ନେଇ ନୂଆଗାଁର ସୌଦାମିନି ପ୍ରଧାନ କୁହନ୍ତି, ମୋର ଜଣେ ସମ୍ପର୍କିୟା ଭଉଣୀଙ୍କ ୮୦ ପ୍ରତିଶତ ପୋଡ଼ି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲୁ। ହେଲେ ପ୍ରାଥମିକ ସ୍ୱାସ୍ଥ୍ୟସେବା ନ ଦେଇ ଗୁରୁତର ଦର୍ଶାଇ ରେଫର କରି ଦିଆଗଲା। ଏଣୁ ମୋର ସମ୍ପର୍କୀୟଙ୍କ ମୃତ୍ୟୁ ଭୁବନେଶ୍ୱରରେ ହୋଇଥିଲା। ଭୁବନେଶ୍ୱରରେ ଡାକ୍ତର କହିଥିଲେ ରୋଗୀଙ୍କୁ ଆଣିବାରେ ବିଳମ୍ବ କରି ଦେବାରୁ ଅସୁବିଧା ହେଲା। ପ୍ରାଥମିକ ସ୍ୱାସ୍ଥ୍ୟସେବା ମିଳିଥିଲେ ରୋଗୀଙ୍କ ଜୀବନ ରକ୍ଷା ହୋଇ ପାରିଥାନ୍ତା। ତେବେ ଆମେ ଭାଗ୍ୟକୁ ଦୋଷ ଦେଇ ଚୁପ ରହିଲୁ। ମୋ ସମ୍ପର୍କିୟଙ୍କ ଘଟଣାକୁ ଦେଖିଲେ ଅନେକ ରୋଗୀ ଏପରି ହଇରାଣ ହେଉଥିବା ଜଣାପଡ଼ିଛି। ଭାପୁରର କଲ୍ୟାଣୀ ସ୍ୱାଇଁ କୁହନ୍ତି, ୨୦ ପ୍ରତିଶତ ପୋଡ଼ିଥିବା ରୋଗୀଙ୍କୁ ଗୁରୁତର ଦର୍ଶାଯାଇ ରେଫର କରାଯାଉଛି। ଯଦି ସବୁ ରୋଗୀ ଗୁରୁତର ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ନ ୱାର୍ଡ ରଖି କ'ଣ ଲାଭ। କାହିଁକି ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯିବ। ସ୍ୱାସ୍ଥ୍ୟ ବିଭାଗ ଏକ ବିଜ୍ଞାପନ କରି ରୋଗୀମାନଙ୍କୁ ଜଣାଇ ଦେବା ଦରକାର ବର୍ନ ୟୁନିଟ୍‌ରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ନାହିଁ। ଆପଣମାନେ କଟକ ଓ ଭୁବନେଶ୍ୱରରେ ଯାଇ ଚିକିତ୍ସିତ ହୁଅନ୍ତୁ। ଏପରି କରାଗଲେ ରୋଗୀ ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି। ନୟାଗଡ଼ର ମହେଶ୍ୱର ସାହୁ କୁହନ୍ତି, ବର୍ନ ୱାର୍ଡରେ ଜଳାପୋଡ଼ା ରୋଗୀଙ୍କୁ ଆଦୌ ସ୍ୱାସ୍ଥ୍ୟ ସେବା ମିଳୁନାହିଁ। ସବୁ ରୋଗୀଙ୍କୁ ରେଫର କରାଯାଉଛି। ଡାକ୍ତର ରିସ୍କ ନେବାକୁ ପ୍ରସ୍ତୁତ ନୁହନ୍ତି। ଏଭଳିଆ ବ୍ୟବସ୍ଥା ରୋଗୀଙ୍କୁ ମରଣ ମୁହଁକୁ ଠେଲି ଦେଉଛି। ଏ ଦିଗରେ ଜିଲାପାଳ, ସିଡିଏମ୍‌ଓ ଓ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ରଣପୁରର କୈଳାସ ପ୍ରଧାନ କୁହନ୍ତି, ଜଳାପୋଡ଼ା ରୋଗୀର ଜଳୀୟ ଅଂଶ ହ୍ରାସ ପାଉଥିବାରୁ ରୋଗୀଙ୍କୁ ପ୍ରାଥମିକ ସେବା ସୁବିଧାରେ ମିଳିବାକୁ ବର୍ନ ୟୁନିଟ୍ ଖୋଲିଛି। ତେବେ ବର୍ନ ୟୁନିଟ୍‌ରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ମିଳୁନି। ଏଣୁ ବହୁ ରୋଗୀଙ୍କ ଜୀବନ ଅଯଥାରେ ଚାଲି ଯାଉଛି। ଏହାର ନିରାକରଣ ପାଇଁ ପଦକ୍ଷେପ ନ ଥିବାରୁ ରେଫର କରିବା ଏକ ସାଧାରଣ ଘଟଣା ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଅଜୟ ବାହିନୀପତିଙ୍କୁ ପଚାରିବାରେ ବର୍ନ ୱାର୍ଡରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଜଣାପଡ଼ିଛି। କିପରି ପ୍ରାଥମିକ ସେବା ଦିଆଯିବ ଓ ରୋଗୀ ଭଲ ସେବା ପାଇବେ ସେଥିପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ପୋଡ଼ାଜଳା ରୋଗୀଙ୍କ ପାଇଁ ପ୍ରଥମ ୮ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ଏଣୁ ଜଳାପୋଡ଼ା ରୋଗୀ କିପରି ଭଲ ସେବା ପାଇବ ସେଥପ୍ରତି ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

# ପୁଟ୍‌କି ଛତୁ ଦେଇଛି ରୋଜଗାର

ନୟାଗଡ଼,୨୦।୧୦(ଲୋକନାଥ ମିଶ୍ର)

**ଜଙ୍ଗଲ ସୁରକ୍ଷା ବଦଳାଇଛି ଜୀବନଜୀବିକା**

ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତର ଉପରଡ଼ିକରି ଗାଁର ଆଦିବାସୀ ମହିଳାମାନେ ଜଙ୍ଗଲକୁ ଯାଇ ପୁଟୁକି ଛତୁ ସଂଗ୍ରହ କରି ରୋଜଗାର କରୁଛନ୍ତି। ପୁଟୁକି ଛତୁ ଘଡ଼ଘଡ଼ି ମାରିବାର ୨ରୁ ୩ ଦିନ ପରେ ଜଙ୍ଗଲରେ ଫୁଟିଥାଏ। ମହିଳାମାନେ ଜଙ୍ଗଲ ସୁରକ୍ଷା କରିବାକୁ ଯାଇ ଫେରିବାବେଳେ ଛତୁ ଧରି ଆସୁଛନ୍ତି। ନିକଟସ୍ଥ ଗାଁରେ ଛତୁକୁ ବିକ୍ରି କରି ଦୁଇ ପଇସା ରୋଜଗାର କରୁଛନ୍ତି।

ଉପରଡ଼ିକରି ଗାଁରେ ୨୪ ପରିବାରର ୯୬ ଆଦିବାସୀ ବାସ କରନ୍ତି। ଏଠାକାର ଲୋକମାନେ ଠେଙ୍ଗା ପାଳି କରି ଜଙ୍ଗଲ ସୁରକ୍ଷା କରିବାରେ ସଫଳ ହୋଇଛନ୍ତି। ଗାଁର ହଳଦିଆ ପାହାଡ଼, ଆରକାଡ଼ବା ପାହାଡ଼, ପୁରିଆ ପାହାଡ଼, ଗୁମରୁବାଟି ପାହାଡ଼, ଡିରିଆଖୋଲ ପାହାଡ଼, ଏବୁ ଚିହିରା ପାହାଡ଼ ପରି ୫୯୪. ୨୩ ଏକର ଜଙ୍ଗଲ ସୁରକ୍ଷା କରୁଛନ୍ତି। ସରକାରଙ୍କ ପକ୍ଷରୁ ଗୋଷ୍ଠୀ ଜଙ୍ଗଲ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ନିୟମ ଅନୁସାରେ ଶିରୋନମା ପତ୍ର ହାତେଇବାରେ ସଫଳ ହୋଇଛନ୍ତି।



ଉପରଡ଼ିକରି ଗାଁର ଆଦିବାସୀ ମହିଳାମାନେ ଜଙ୍ଗଲରୁ ପୁଟୁକି ଛତୁ ତୋଳି ଆଣୁଛନ୍ତି।

# ଆଠଗଡ଼ ଆସିଷ୍ଟାଣ୍ଟ କଲେକ୍ଟର ପାଇଲେ ୨୫ ର୍‌ୟାଙ୍କ ଓଏଏସ୍



ଶୁଭକଲ୍ୟାଣୀ ମହାପାତ୍ର



ସୌମେଶ ଆଚାର୍ଯ୍ୟ

ନୟାଗଡ଼,୨୦।୧୦(ଲୋକନାଥ ମିଶ୍ର)

**ନୟାଗଡରୁ ୧୨ ଜଣ ପାଇଲେ ଓଏଏସ୍**

ନୟାଗଡ଼ ମ୍ୟୁନିସିପାଲିଟି ଲକ୍ଷ୍ମଣନଗରର ଶୁଭକଲ୍ୟାଣୀ ମହାପାତ୍ର ୨ୟ ଥର ଓଏଏସ୍ ପାଇ ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଶୁଭକଲ୍ୟାଣୀ ଏବେ ଆଠଗଡ଼ର ଆସିଷ୍ଟାଣ୍ଟ କଲେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଶୁଭକଲ୍ୟାଣୀ ୨୦୨୦ ଓଏଏସ୍ ପରୀକ୍ଷାରେ ୨ ଶହ ର୍‌ୟାଙ୍କରେ ଥିବାବେଳେ ୨୦୨୨ ଓଏଏସ୍ ପରୀକ୍ଷାରେ ୨୫ତମ ସ୍ଥାନରେ ରହିଛନ୍ତି। ସେ ଲକ୍ଷ୍ମଣନଗରର ଶିକ୍ଷକ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଶିକ୍ଷୟିତ୍ରୀ ସୌଭାଗ୍ୟ ମଞ୍ଜରୀଙ୍କ ଝିଅ ଅଟନ୍ତି। ସେହିପରି ଖଣ୍ଡପଡ଼ା ବ୍ଲକ ଗଡ଼ିଆସାହି ପଞ୍ଚାୟତ ନଟବରପୁର ଶାସନ ଗାଁର ସୌମେଶ ଆଚାର୍ଯ୍ୟ ୮୩ତମ ର୍‌ୟାଙ୍କରେ ରହି ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ପଶ୍ଚିମବଙ୍ଗ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ୩ୟ ବର୍ଷ ଛାତ୍ରଭାବେ ଗବେଷଣା କରୁଛନ୍ତି। ମା' ସୌଦାମିନୀ ତ୍ରିପାଠୀ ଓ ବାପା ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କ ପ୍ରେରଣାରେ ସେ ଦିନକୁ ୧୮ ଘଣ୍ଟା ପରିଶ୍ରମ କରି ସଫଳତା ପାଇଥିବା କହିଛନ୍ତି। ତାଙ୍କର ସଫଳତା ପାଇଁ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଓ ଅନେକ ଶୁଭେଚ୍ଛା ଜଣାଇଛନ୍ତି। ପୁଣି ଭାପୁର ବ୍ଲକ ଭାପୁର ପାଇକସାହିର ବଳଭଦ୍ର ବେହେରା ୬୨୧ ନଂ. ର୍‌ୟାଙ୍କରେ ରହି ଓଏଏସ୍ ପାଇଛନ୍ତି। ବଳଭଦ୍ର ଗଞ୍ଜାମ ଜିଲାରେ ଶିକ୍ଷକତା କରୁଛନ୍ତି। ବାପା ଦୈତାରୀ ବେହେରା ଭାପୁର ତହସିଲ କାର୍ଯ୍ୟାଳୟରେ ମୋହରି ଭାବେ କାମ କରୁଥିବାବେଳେ ମା' ମଞ୍ଜୁଲତା ଗୃହିଣୀ।

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ୨୦୨୨ ମସିହାର ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ପରୀକ୍ଷାରେ ରାଜ୍ୟରେ ୬୮୩ଜଣ କୃତକାର୍ଯ୍ୟ ହୋଇଥିବାବେଳେ ନୟାଗଡ଼ ଜିଲାର ୧୨ ଜଣ ସଫଳତା ପାଇ ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ନୟାଗଡ଼ ସହର ଖଣ୍ଡପଡ଼ା ରୋଡର ମଧୁସ୍ମିତା ମିଶ୍ର, ନୟାଗଡ଼ ବ୍ଲକ ବାଲୁଗାଁର ରଶ୍ମି ରଞ୍ଜନ ସ୍ୱାଇଁ ଓ ମାନ୍ଧତାପୁର ଗାଁର ସାର୍ଥକ ତାରିଣୀ ମିଶ୍ର, ଓଡ଼ଗାଁ ଏନ୍ଏସି କୁମ୍ଭାରସାହିର ଅଂଶୁମାନ ଦାସ, ଖଣ୍ଡପଡ଼ା ସହରାଞ୍ଚଳର ବିଶ୍ୱଜିତ ରାଉତ, ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଖୁଦବେହେରାପାଟଣା ସାହିର ଅମୀୟ ରଞ୍ଜନ ସାହୁ, ଦଶପଲ୍ଲା ସହର ଦୁର୍ଗାବଜାର କଲୋନୀର ସୁଶ୍ରୀ ରଶ୍ମିତା ସାହୁ, ନୟାଗଡ଼ ମ୍ୟୁନିସିପାଲିଟି ଲକ୍ଷ୍ମଣନଗରର ଶୁଭକଲ୍ୟାଣୀ ମହାପାତ୍ର, ଭାପୁର ପାଇକକସାହିର ବଳଭଦ୍ର ବେହେରା, ରଣପୁର ବି.ସି. ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ଖୋର୍ଦ୍ଧା ଜିଲା ସିକୋ ଖଡ଼ପଦର ଗାଁର ଗୋପାଳକୃଷ୍ଣ ରାଉତରାୟ, ରଣପୁର ବ୍ଲକ ବୃନ୍ଦାବନପୁର ଗାଁର ହରପ୍ରସାଦ ମହାପାତ୍ର ଓ ଖଣ୍ଡପଡ଼ା ବ୍ଲକ ଗଡ଼ିଆସାହି ପଞ୍ଚାୟତ ନଟବରପୁର ଶାସନ ଗାଁର ସୌମେଶ ଆଚାର୍ଯ୍ୟଙ୍କୁ ଶୁଭେଚ୍ଛାର ଶୁଅ ଛୁଟିଛି।

# ଓଏଏସ୍ ପାଇଲେ ହରପ୍ରସାଦ, ପ୍ରଧାନ ଶିକ୍ଷକ ଗୋପାଳକ୍ରିଷ୍ଣ

ରଣପୁର,୨୦।୧୦
(ସୁକାନ୍ତ କିଶୋର ଡାକୁଆ)



ହରପ୍ରସାଦ ମହାପାତ୍ର



ଗୋପାଳକ୍ରିଷ୍ଣ ରାଉତରାୟ

ନୟାଗଡ଼ ଜିଲା ରଣପୁର ବ୍ଲକ ବୃନ୍ଦାବନପୁର ଗ୍ରାମର ଅଧିବାସୀ ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ନାରାୟଣ ରଣା, ବାସନ୍ତୀଙ୍କ ଜ୍ୟେଷ୍ଠପୁତ୍ର ହରପ୍ରସାଦ ମହାପାତ୍ର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୩୪୬ ତମ ସ୍ଥାନ ଅଧିକାର କରି ଏହି ସଫଳତା ଅର୍ଜନ କରିଛନ୍ତି। ସେହିଭଳି ରଣପୁର ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳକ୍ରିଷ୍ଣ ରାଉତରାୟ ୨୦୦ ର୍‌ୟାଙ୍କ ରଖି ଏହି ସଫଳତା ପାଇଛନ୍ତି। ଏହି ୨ଜଣ ରଣପୁର ପାଇଁ ଗର୍ବ ଆଣି ଦେଇଛନ୍ତି। ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ୨୦୨୨ମସିହାର ରାଜ୍ୟ ପ୍ରଶାସନିକ ସେବାର ଚୂଡାନ୍ତ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି।

ରଣପୁର ବ୍ଲକ୍ ବୃନ୍ଦାବନପୁର ଗାଁର ହରପ୍ରସାଦ ମହାପାତ୍ର ଓଏଏସ ପରୀକ୍ଷାରେ କୃତକାର୍ଯ୍ୟ ପରେ ଅଞ୍ଚଳରେ ଆନନ୍ଦର ଲହରୀ ଖେଳି ଯାଇଛି। ହର ପ୍ରସାଦ ସଫଳତାର ଶ୍ରେୟ ନିଜର ପିତା, ମାତା ଓ ଗୁରୁଜନମାନଙ୍କୁ ଦେବା ସଙ୍ଗେ ସଙ୍ଗେ ଏଥିପାଇଁ ସେ କଠିନ ପରିଶ୍ରମ କରିଥିବା କହିଛନ୍ତି। ଖୋର୍ଦ୍ଧା ଜିଲା ସିକୋ ପଞ୍ଚାୟତର ଖଡ଼ିପଦର ଗ୍ରାମର ସ୍ୱଗତ ନନ୍ଦକିଶୋର ରାଉତରାୟ ମା' ବିଳାସିନୀଙ୍କ ପୁଅ ଗୋପାଳକ୍ରିଷ୍ଣ ୨୦୨୩ ଅଗଷ୍ଟ ୧୭ରେ ନୟାଗଡ଼ ଜିଲ୍ଲା ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଇଥିଲେ। ସେ ଅବସର ସମୟରେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ବୋଲି କହିଛନ୍ତି। ପୂର୍ବରୁ ମଧ୍ୟ ସେ ଡିଆରଡିଓରେ କାର୍ଯ୍ୟ କରୁଥିଲେ। ଏହାପରେ ସେ ଶିକ୍ଷକ ହୋଇଥିଲେ। ସେ ବିଦ୍ୟଳୟରେ ଛାତ୍ରୀ ଛାତ୍ରଙ୍କୁ ପାଠ ପଢ଼ାଇବା ସହ ରାତ୍ରରେ କଠିନ ପରିଶ୍ରମ କରି ପାଠ ପଢୁଥିଲେ।

# ଠାକୁରାଣୀଙ୍କ ଜମିରେ ବସ୍‌ଷ୍ଟାଣ୍ଡ, ପଞ୍ଚାୟତ ସେବା କେନ୍ଦ୍ର

ନୟାଗଡ଼,୨୦।୧୦(ଲୋକନାଥ ମିଶ୍ର)

■ଦେବୋତର ବିଭାଗର ଅନୁମତି ନ ଥାଇ କାମ ପରେ ପ୍ରତିବାଦ
■ମୁଖ୍ୟ ଶାସନ ସଚିବଙ୍କୁ ଫେରାଦ୍

ନୟାଗଡ଼ ଜିଲା ରଣପୁର ବ୍ଲକ କୁଳାସର ପଞ୍ଚାୟତର ପଞ୍ଚାୟତ ସେବାକେନ୍ଦ୍ର ଓ ବସ୍‌ଷ୍ଟାଣ୍ଡ ଚଣ୍ଡୀ ଠାକୁରାଣୀଙ୍କ ଜମିରେ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଦେବୋତର ବିଭାଗର ଅନୁମତି ନ ଥାଇ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାବେଳେ ଏ ନେଇ ମୁଖ୍ୟ ଶାସନ ସଚିବ ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କ ନିକଟରେ ସ୍ଥାନୀୟ ବାସିନ୍ଦା ଫେରାଦ୍ ହୋଇଛନ୍ତି। ଲୋକଙ୍କ ଅଭିଯୋଗ ଅନୁଯାୟୀ, କୁଳାସର ପଞ୍ଚାୟତର ପଞ୍ଚାୟତ ସେବା କେନ୍ଦ୍ର ଓ ବସ୍‌ଷ୍ଟାଣ୍ଡ ପାଇଁ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଛି। ଉଭୟ କାମ ପ୍ରାୟ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ହୋଇ ସାରିଲାଣି। ସରକାରୀ ଜମି ଥାଉ ଥାଉ ଠାକୁରଙ୍କ ଜମି ଉପରେ କାହିଁକି କୁଳାସର ପଞ୍ଚାୟତର ପଞ୍ଚାୟତ ସେବା କେନ୍ଦ୍ର ଓ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଉଛି। ପୁଣି ନିର୍ମାଣ ପୂର୍ବରୁ ଦେବୋତର ବିଭାଗର କାହିଁକି ଅନୁମତି ନିଆଗଲା ନାହିଁ। ସରକାର କିପରି ଠାକୁରାଣୀଙ୍କ ଜମି ଉପରେ ପଞ୍ଚାୟତ ସେବା କେନ୍ଦ୍ର ଓ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଅନୁମତି ଦେଲେ। ଚଣ୍ଡୀ ମନ୍ଦିର କର୍ତ୍ତୃପକ୍ଷ ଯଦି କାମ ଶେଷ ପରେ ପଞ୍ଚାୟତ ସେବା କେନ୍ଦ୍ର ଓ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବାକୁ ସୁଯୋଗ ଦେବେ ନାହିଁ ତେବେ କିଏ ଦାୟୀ ରହିବ। ଏଭଳିଆ ବେନିୟମ କାର୍ଯ୍ୟ ଉପରେ ଲଗାମ ଦେବା ପାଇଁ ଅନୁରୋଧ କରାଯାଇଛି।



ଚଣ୍ଡୀ ଠାକୁରାଣୀଙ୍କ ଜାଗାରେ ବସ୍‌ଷ୍ଟାଣ୍ଡ ଓ ପଞ୍ଚାୟତ ସେବାକେନ୍ଦ୍ର ନିର୍ମାଣ ଚାଲିଛି।

# ପାରମ୍ପରିକ ବାଦ୍ୟ ନୃତ୍ୟ ସହ ମା'ଙ୍କୁ ବିଦାୟ

ଖଣ୍ଡପଡ଼ା,୨୦।୧୦
(ଅଜୟ କୁମାର ମହାରଣା)

ଶାରଦୀୟ ପୂଜା ଅବସରରେ କଣ୍ଟିଲୋ ଅଞ୍ଚଳରେ ୧୪ଟି ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥିଲେ। ତେବେ ବିଭିନ୍ନ ସାହି ବାସିନ୍ଦାମାନଙ୍କ ସହଯୋଗରେ ସେମାନଙ୍କ ପୂଜା ମଣ୍ଡପରେ ପୂଜା ପାଉଥିବା ମୂର୍ତ୍ତିଙ୍କୁ ଭସାଣି ଶୋଭାଯାତ୍ରା ମଧ୍ୟରେ ମେଲାଣି ଦିଆଯାଇଛି। ସାହିର ସଭାପତି ବନମାଳୀ ଦାଶ, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ, ପ୍ରତାପ ଚନ୍ଦ୍ର ସାହୁ, ଦିଲୀପ କୁମାର ସାହୁ, ପୂର୍ବତନ ସଭାପତି ଅର୍ଜୁନ ସାହୁ, କୃଷ୍ଣେଶ୍ୱର ୟୁଥ କ୍ଲବର ସଭାପତି ସିଲୁ କାଣ୍ଡି, ସମ୍ପାଦକ ଶ୍ରୀକାନ୍ତ ମାଲ, ଉପଦେଷ୍ଟା ପ୍ରକାଶ କୁମାର ନାୟକ, ମୃତ୍ୟୁଞ୍ଜୟ ବେହେରାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟଙ୍କ ନେତୃତ୍ୱରେ ଶନିବାର ଲଘୁଚାପଜନିତ ପାଗ ପ୍ରତିକୂଳ ସତ୍ତ୍ୱେ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳ କୃଷ୍ଣେଶ୍ୱରପାଟଣାର ପୂଜାକମିଟି ପୂର୍ବ ପ୍ରସ୍ତୁତି କ୍ରମେ ମା'ଙ୍କୁ ବିଦାୟ ଦିଆଯାଇଛି। ଏହି ଅବସରରେ ଶବ୍ଦ ପ୍ରଦୂଷଣ ପ୍ରତି ଯତ୍ନବାନ ହୋଇ ଆଧୁନିକ ଯନ୍ତ୍ର ସଙ୍ଗୀତ ତଥା ଡିଜେ ସାଉଣ୍ଡ ପ୍ରତି ଗୁରୁତ୍ୱ ନ ଦେଇ ଭସାଣି ଉତ୍ସବରେ ପାରମ୍ପରିକ ଲୋକ କଳା ତଥା ବାଦ୍ୟଯନ୍ତ୍ର ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପାରମ୍ପରିକ ବାଦ୍ୟନୃତ୍ୟ ତାଳେ ତାଳେ ମା'ଙ୍କୁ ବିଦାୟ ଦେଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯାଇଛି। ଶନିବାର ସମ୍ପୃକ୍ତ ପୂଜା କମିଟି ପକ୍ଷରୁ ଆୟୋଜିତ ଭସାଣି ଉତ୍ସବରେ ପାରମ୍ପରିକ ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ସାଙ୍ଗକୁ ପାରମ୍ପରିକ ଆଦିବାସୀ ଶିଙ୍ଗବାଜା, ଢୋଲ, ବ୍ୟାଣ୍ଡପାର୍ଟି, ଅଘୋରୀ ନୃତ୍ୟ, ଫାୟାର ଷ୍ଟଣ୍ଟ, ବାଘ ସିଂହ ଲଢ଼େଇ, ହାତୀ ନୃତ୍ୟ, କଣ୍ଢେଇ ନୃତ୍ୟ ସହ ସାହି ଭାଇଙ୍କ ଡ୍ରେସ୍‌କୋଡ ଦେଖିବାକୁ ସନ୍ଧ୍ୟାଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜନସମାଗମ ଲାଗି ରହିଥିଲା। ବିଶେଷକରି ପିଲାମାନଙ୍କ ଦ୍ୱାରା ଢୋଲବାଦ୍ୟ ତାଳେ ତାଳେ ନୃତ୍ୟ କରୁଥିବା ଦୃଶ୍ୟ ଦର୍ଶକମାନଙ୍କ ମୁଖ୍ୟ ଆକର୍ଷଣ ଥିଲା। କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭସାଣି ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି।





ଶୋଭଯାତ୍ରାରେ ଅଘୋରୀ ନୃତ୍ୟ ସହ ମା'ଙ୍କୁ ନିଆଯାଉଛି।



ଭସାଣି ଶୋଭାଯାତ୍ରାରେ ପାରମ୍ପରିକ ଲୋକ ନୃତ୍ୟ।

**ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶୁତୋଷ



@ ଦେବରାଜ



@ ରାମବାବୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଦାୟ ନେଲେ ଗଜଲକ୍ଷ୍ମୀ

ନୟାଗଡ,୨୦।୧୦
(ଲୋକନାଥ ମିଶ୍ର)

ନୟାଗଡ଼ ପୁରୁଣା ସହରର ମା' ବୁଢ଼ି, ମାଢ଼ ଯୋଗମାୟା ଅନୁଷ୍ଠାନ, ନୟାଗଡ଼ ସହର ରାଜବଗିଚାସ୍ଥିତ ଲକ୍ଷ୍ମୀବଜାର କମିଟିର ଗଜଲକ୍ଷ୍ମୀ ମେଢ଼ଙ୍କର ରବିବାର ଭସାଣି ହୋଇ ଯାଇଛି। ସେହିପରି ନୟାଗଡ଼ ସହର ରାଜପାଟଣା, ଗୋଡ଼ିସାହି, ହିରାଦେଇପୁର, ଖେଡ଼ପଡ଼ା ଗାଁରେ ଗଜଲକ୍ଷ୍ମୀଙ୍କର ଅନୁରୂପ ଭାବେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି।



ନିରାଡମ୍ବର ଶୋଭାଯାତ୍ରାରେ ମା' ଗଜଲକ୍ଷ୍ମୀଙ୍କୁ ଭସାଣି ଲାଗି ନିଆଯାଉଛି।

